ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଵ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 23 | 4 - 10 June 2023 | Sambalpur | Page- 8 | Invitation Price Rs.10

# ସମ୍ବଲପୁରର ପୁଅ ପ୍ରମୋଦ ମିଶ୍ର ଦେଶର ଦ୍ୱିତୀୟ ଶୀର୍ଷ ନୀତି ନିର୍ଦ୍ଧାରକ

ସମ୍ବଲପୁର : ମର୍ଯ୍ୟାଦାଜନକ ଇଂରାଜୀ 'ଇଣ୍ଡିଆ ଟୁଡ଼େ' ପତ୍ରିକାର ସଦ୍ୟ ପ୍ରକାଶିତ ସ୍ୱତନ୍ତ୍ର ସଂସ୍କରଣରେ ଦେଶର ନୀତି ନିର୍ଦ୍ଧାରଣ କରୁଥିବା ପ୍ରଭାବଶାଳୀ ପ୍ରଶାସକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ତାଙ୍କୁ 'ଇଣ୍ଡିଆ ଟୁଡେ'ର ସ୍ୱତନ୍ତ୍ର ସଂସ୍କରଣରେ 'ପ୍ରାଇମ ମୁଭର' ବା ଦେଶର ମୁଖ୍ୟ ପ୍ରସ୍ତାବକର୍ତ୍ତା ଭାବେ ଆଖ୍ୟାୟିତ କରାଯାଇଛି । ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡ଼ । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ତୃତୀୟ ଏବଂ ଅନ୍ୟତମ ଓଡ଼ିଆ ପୁଅ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହି ତାଲିକାରେ ଚତୁର୍ଥ ସ୍ଥାନରେ ରହିଛନ୍ତି ।

୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଡକ୍ଟର ମିଶ୍ର ଦେଶରେ ସଂସ୍କାର, ନୀତି ଓ ଯୋଜନାଗୁଡ଼ିକର ରୂପାୟନ ତଥା ସରକାରୀସ୍ତରରେ ନିଯୁକ୍ତି କ୍ଷେତ୍ରରେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି । କୌଣସି ଅମଲାତାନ୍ତ୍ରିକ, ବୈଷୟିକ ଓ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପଦବିରେ ନିଯୁକ୍ତି କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଚୂଡ଼ାନ୍ତ କରିବା ପୂର୍ବରୁ ଡକ୍ଟର ମିଶ୍ର ଶେଷ ସ୍ପର୍ଶ ଦେଇଥାନ୍ତି । ବିକେନ୍ଦ୍ରୀକରଣ ଶୈଳୀରେ ତାଙ୍କ କାର୍ଯ୍ୟ ଯୋଗୁଁ ଦେଶର ଅମଲାତନ୍ତ୍ରରେ ସବୁସ୍ତରର ପ୍ରତିଭାକୁ ଉପଯୁକ୍ତ ନ୍ୟାୟ ମିଳି ପାରିଛି । ଅଖଣ୍ଡ ପ୍ରଭାବ ଓ କ୍ଷମତା ସତ୍ତ୍ୱେ ସେ କେବେ ଏହାର ପ୍ରଦର୍ଶନ ବା ଅପପ୍ରୟୋଗ କରନ୍ତି ନାହିଁ ବୋଲି ତାଙ୍କ ସହିତ କାର୍ଯ୍ୟ କରିଥିବା ଲୋକେ ମତ ଦିଅନ୍ତି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ପ୍ରଚୁର ଅଭିଜ୍ଞତା



ହାସଲ କରିଥିବା ଡକ୍ଟର ମିଶ୍ର ୨୦୦୩ରେ ମିଳିତ ଜାତିସଂଘର ପୁରସ୍କାର ପାଇଥିଲେ । ଶ୍ରେଷ୍ଠ ବ୍ୟକ୍ତିଙ୍କୁ ଉପଯୁକ୍ତ କାର୍ଯ୍ୟରେ ଅବସ୍ଥାପିତ କରି ଅମଲାତନ୍ତ୍ରକୁ ଦକ୍ଷ ଓ ସକ୍ରିୟ କରିବାର ସେ ଯେଉଁ ବାଟ ବାହାର କରିଛନ୍ତି, ତାହା ମୋଦୀଙ୍କ ସମୟରେ ଦୃଷ୍ଟାନ୍ତନୀୟ ପ୍ରଶାସନିକ ସଂସ୍କାର ଆଣିପାରିଛି ।

ଉଲ୍ଲେଖଯୋଗ୍ୟ ଯେ ସମ୍ବଲପୁର ପଟ୍ଟନାୟକ ପଡାର ଡକ୍ଟର ମିଶ୍ର ସହରର ବିଶିଷ୍ଟ ଆଇନଜୀବୀ ପ୍ରସନ୍ନ କୁମାର ମିଶ୍ରଙ୍କ ପୁଅ । ସେ ବ୍ରଜମୋହନ ପଟ୍ଟନାୟକ ପ୍ରାଥମିକ ବିଦ୍ୟାଳୟ, ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ଯଥାକ୍ରମେ ପ୍ରାଥମିକ, ହାଇସ୍କୁଲ୍ ଓ କଲେଜ ଶିକ୍ଷା ଶେଷ କରିଥିଲେ । ଏହାପରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରୁ ସ୍ନାତକୋତ୍ତର ଓ ବ୍ରିଟେନ୍‌ରୁ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ । ଛାତ୍ର ସମୟରୁ ଅତ୍ୟନ୍ତ ମେଧାବୀ ଡକ୍ଟର ମିଶ୍ର ସର୍ବଦା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହିତ ଶିକ୍ଷା, ପ୍ରବନ୍ଧ, ବକ୍ତୃତା ଭଳି ବିଷୟରେ ଅନେକ ପୁରସ୍କାର ହାସଲ କରିଛନ୍ତି । ସବୁବେଳେ ପ୍ରଚାରରୁ ଦୂରେଇ ରହୁଥିବା ଏବଂ ସରଳ ଓ ସଚ୍ଚୋଟ ଜୀବନଯାପନ କରୁଥିବା ଡକ୍ଟର ମିଶ୍ରଙ୍କ ସମ୍ବଲପୁର ଆଇଆଇଏମ୍ ପ୍ରତିଷ୍ଠା, ଝାରସୁଗୁଡ଼ା ବିମାନ ବନ୍ଦରକୁ ପୁନଃ କାର୍ଯ୍ୟକ୍ଷମ କରିବାରେ ଉଲ୍ଲେଖନୀୟ ଭୂମିକା ରହିଛି । ସେହିପରି ସେ ପଢୁଥିବା ସମ୍ବଲପୁରର ବ୍ରଜମୋହନ ପଟ୍ଟନାୟକ ପ୍ରାଥମିକ ବିଦ୍ୟାଳୟ ଏବଂ ଚନ୍ଦ୍ରଶେଖର ବେହେରା ଜିଲ୍ଲାସ୍କୁଲର ନବୀକରଣ ଓ ଉନ୍ନତିରେ ମଧ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କ ରହିଛି ।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ସତ୍ତ୍ୱେ ସମ୍ବଲପୁରରେ ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନାହିଁ

ସମ୍ବଲପୁର : ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ସମ୍ବଲପୁରର ବିଭିନ୍ନ ପ୍ରକଳ୍ପ ବର୍ଷ ବର୍ଷ ଧରି କାର୍ଯ୍ୟକାରୀ ହେଉ ନାହିଁ । ସମ୍ବଲପୁରରେ ପୋଲିସ୍ କମିଶନରେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ଘୋଷଣା କରିଥିଲେ ହେଁ ଏହା ସରକାରୀ ନାଲିଫିତା ତଳେ ଚାପି ହୋଇ ପଡି ରହିଛି । ଗତ ସାତବର୍ଷରୁ ଉର୍ଦ୍ଧ୍ୱ ହେବ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ ଘୋଷଣା ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ନିର୍ବାଚନ ନ ହୋଇ ସରକାରୀ ଅଫିସରଙ୍କ ଜରିଆରେ କାମ ଚାଲିଛି । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଏ ପର୍ଯ୍ୟନ୍ତ ଏ ଅଞ୍ଚଳରେ ପ୍ରତିଷ୍ଠା ହୋଇ ପାରିନାହିଁ ।

୨୦୧୪ ରୁ ୨୦୧୯ ମସିହା ମଧ୍ୟରେ ସମ୍ବଲପୁର ସହରରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା । ଶହଶହ ବର୍ଷ ଧରି ପଛୁଆ ହୋଇ ରହିଥିବା ପଶ୍ଚିମ ଓଡ଼ିଶାର ପ୍ରାଣ କେନ୍ଦ୍ର ତଥା ଓଡ଼ିଶାର ଅନ୍ୟତମ ପ୍ରମୁଖ ସହର ସମ୍ବଲପୁର ବି ଏହି ସମୟରେ ବିକାଶର ବାଟରେ ଚାଲିବା ଆରମ୍ଭ କରିଥିଲା । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ସମ୍ବଲପୁରବାସୀଙ୍କୁ ଆହୁରି ଅନେକ ପ୍ରତିଶ୍ରୁତି ଦେଲେ । ଖୋଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବି ସମ୍ବଲପୁର ଆସି ଅନେକ ଘୋଷଣା କଲେ । କିନ୍ତୁ ୨୦୧୯ ନିର୍ବାଚନ ପରେ କିନ୍ତୁ ଚିତ୍ର ସଂପୂର୍ଣ୍ଣ ବଦଳି ଗଲା । ୫ ବର୍ଷ ଧରି ବିକାଶର ଟ୍ରାକ୍‌ରେ ଥିବା ସମ୍ବଲପୁର ହଠାତ୍ ଲାଇନ୍‌ଚ୍ୟୁତ ହୋଇ ଯାଇଥିଲା । ୨୦୧୯ ନିର୍ବାଚନ ପରଠାରୁ ବିକାଶ ଧିମେଇ ଯାଇଥିଲା । ପ୍ରତିଶ୍ରୁତି ପାଣିର ଗାର ପାଲଟିଥିଲା । ଚାଲୁଥିବା ପ୍ରକଳ୍ପ ଅଟକି ଯାଇଥିଲା । ପ୍ରସ୍ତାବିତ ପ୍ରକଳ୍ପକୁ ଆଉ ମଞ୍ଜୁରୀ ମିଳିଲା ନାହିଁ । ହାତଗଣତି ନୂଆ ପ୍ରକଳ୍ପ ଘୋଷଣା ହାତକୁ ନିଆ ଯାଇଥିଲେ ବି ତାହା କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଗଲା । ଶିକ୍ଷା, ସ୍ୱାସ୍ଥ୍ୟ, ପାଣି, ବିଜୁଳି ସବୁ କ୍ଷେତ୍ରରେ ସହରବାସୀ ହନ୍ତସନ୍ତ ହେଲେ । ଏଭଳି ନାହିଁ ନାହିଁରେ ୪ ବର୍ଷ ବିତିଗଲା । କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ଏବେ ମୁଣ୍ଡ ଉପରେ ଆସି ଛିଡ଼ା ହେଲାପରେ ସରକାର ଓ ପ୍ରଶାସନକୁ ପୁଣି ବିକାଶର ଚିନ୍ତା ଘାରିଛି । ଖାଲଖମାରେ ଭର୍ତ୍ତି ସହରର ବିପର୍ଯ୍ୟସ୍ତ ରାସ୍ତାଘାଟର ପୁନଃନିର୍ମାଣ, ନବୀକରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଛି । ଧନୁପାଲିରୁ ଜେଲ୍ ଛକ, ଫାଟକ ଅଞ୍ଚଳ,



କ୍ଷେତରାଜପୁର ଷ୍ଟେସନ୍ ଅଞ୍ଚଳ ଆଦି ରାସ୍ତା ଦୋହରୀକରଣ ଓ ପ୍ରଶସ୍ତୀକରଣ ପାଇଁ କାମ ଆରମ୍ଭ ହୋଇଛି । ସମଲେଇ ଯୋଜନାରେ । କାମ ତ୍ୱରାନ୍ୱିତ ହୋଇଛି । ସ୍ୱେରେଜ୍ ପ୍ରକଳ୍ପର କିଛି ଅଂଶ କାର୍ଯ୍ୟକ୍ଷମ କରିବା ପାଇଁ ବନ୍ଦ ପଡ଼ିଥିବା ସ୍ୱେରେଜ୍ କାମକୁ ପୁଣିଥରେ ଆରମ୍ଭ କରାଯାଇଛି । ମାଳତୀ ଗୁଣ୍ଡେରପୁର ଠାରେ ଦ୍ୱିତୀୟ ସେତୁ ନିର୍ମାଣ ପାଇଁ ମୃତ୍ତିକା ପରୀକ୍ଷା କରାଯାଇଛି ।

କିନ୍ତୁ ଏବେ ବି ଆହୁରି ଅନେକ ପ୍ରକଳ୍ପ ଅଛି ଯାହା ଘୋଷଣାରେ ରହି ଯାଇଛି । ସେ ଗୁଡ଼ିକ ମଧ୍ୟରେ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିବା ଅନେକ ପ୍ରକଳ୍ପ ଅନ୍ତର୍ଭୁକ୍ତ । ୨୦୧୯ ଫେବ୍ରୁଆରି ୧ ତାରିଖରେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଆସି ବିଭିନ୍ନ କାମର ଶିଳାନ୍ୟାସ ସହ ୫ଟି ପ୍ରମୁଖ ପ୍ରକଳ୍ପର ନିଜେ ଘୋଷଣା କରିଥିଲେ । ସେଗୁଡ଼ିକ ହେଲା, ଭିଏସ୍‌ଏସ୍ ଷ୍ଟାଡିୟମ୍‌ର ଉନ୍ନତୀକରଣ ପାଇଁ ୩ କୋଟି ଟଙ୍କା, ଜିଲ୍ଲା ସ୍କୁଲ ଛକରୁ ନକ୍ସାପାଲି ପର୍ଯ୍ୟନ୍ତ ୪୦ କୋଟି ଟଙ୍କା ବ୍ୟୟରେ ୪ ଲେନ୍ ରାସ୍ତା, ମନ୍ଦଲିଆରୁ ଦୁର୍ଗାପାଲି ପର୍ଯ୍ୟନ୍ତ ୨୦ କୋଟି ଟଙ୍କା ବ୍ୟୟରେ ୪ ଲେନ୍ ରାସ୍ତା, ମାଳତୀ ଯୋର ଉପରେ ୨୦ କୋଟି ଟଙ୍କା ବ୍ୟୟରେ ସୁଉଚ୍ଚ ସେତୁ ଓ ବାଲିବନ୍ଧାଠାରେ ୧୦ କୋଟି ଟଙ୍କା ବ୍ୟୟରେ ପୋଲ । ହେଲେ ଏସବୁ ପ୍ରକଳ୍ପ ଘୋଷଣାରେ ହିଁ ସୀମିତ ରହିଗଲା । ନିର୍ବାଚନରେ ସମ୍ବଲପୁରରେ ସରକାରୀ ଦଳର ଖରାପ ପ୍ରଦର୍ଶନ, ଏହାର କାରଣ ବୋଲି ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ୪ ବର୍ଷ ପର୍ଯ୍ୟନ୍ତ ୫ଟି ଯାକ ପ୍ରକଳ୍ପ ମଧ୍ୟରୁ କୌଣସି କାମ କରାଗଲା ନାହିଁ । ହେଲେ ପୁଣି ନିର୍ବାଚନୀ ବର୍ଷ ଉପନୀତ ହେବା ପରେ ସେଥି ମଧ୍ୟରୁ ୨ଟି କାମ ପାଇଁ ପକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲା ସ୍କୁଲ୍ ଛକରୁ ନକ୍ସାପାଲି ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ପ୍ରକଳ୍ପରୁ ଗୋଟିଏ ଛୋଟ ଅଂଶ ଅର୍ଥାତ୍ ଜେଲ୍ ଛକରୁ ଧନୁପାଲି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇଛି । ୨୦୨୪ ନିର୍ବାଚନ ପୂର୍ବରୁ ଏହା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଜିଲ୍ଲା ସ୍କୁଲ୍ ଛକରୁ ଜେଲ୍ ଛକ ଓ ଧନୁପାଲି ଛକରୁ ନକ୍ସାପାଲି ପର୍ଯ୍ୟନ୍ତ ଦୋହରୀକରଣକୁ ସରକାର ଭୁଲି ଯାଇଛନ୍ତି । ସେହିପରି ଗୁଣ୍ଡେରପୁରଠାରେ ମାଳତୀ ଯୋରରେ ସୁଉଚ୍ଚ ସେତୁ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ୪ ବର୍ଷ ବିତିବା ପରେ ମୃତ୍ତିକା ପରୀକ୍ଷଣ ହୋଇଥିଲେ ବି କାମ କେବେ ଆରମ୍ଭ ହେବ ଚିତ୍ର ସ୍ପଷ୍ଟ ହୋଇ ନାହିଁ । ହେଲେ ଭିଏସ୍‌ଏସ୍ ଷ୍ଟାଡିୟମ୍‌କୁ ୩ କୋଟି ଟଙ୍କା ଦୂରର କଥା ଏଯାଏଁ ଟଙ୍କାଟିଏ ବି ମିଳି ନାହିଁ । ମନ୍ଦଲିଆରୁ ଦୁର୍ଗାପାଲି ରାସ୍ତା ଦୋହରୀକରଣ ଓ ବାଲିବନ୍ଧାଠାରେ ପୋଲ ନିର୍ମାଣର ବି ଏଯାଏଁ ଚିହ୍ନବର୍ଣ୍ଣ ଦେଖିବାକୁ ମିଳିନାହିଁ ।

ଏହାଛଡ଼ା ଆହୁରି ଅନେକ ପ୍ରକଳ୍ପ ପୂର୍ବରୁ ଘୋଷଣା ହୋଇଥିଲେ ବି ତାହା ଘୋଷଣାରେ ସୀମିତ ରହିଛି । ସେଗୁଡ଼ିକ ମଧ୍ୟରେ ଭୁତାପଡ଼ା ଛକରୁ ଧନକଉଡ଼ା ପର୍ଯ୍ୟନ୍ତ ରାସ୍ତାର ଦୋହରୀକରଣ, ଅଇଁଠାପାଲି କାଇଁଶିର ରାସ୍ତାର ଦୋହରୀକରଣ, ଫ୍ଲାଇଓଭର୍ ଉଭୟ ପାର୍ଶ୍ୱରେ ୧୬ ଫୁଟ୍ ଚଉଡ଼ା, ସର୍ଭିସ୍ ରାସ୍ତା ନିର୍ମାଣ, କ୍ଷେତରାଜପୁର ଷ୍ଟେସନ୍‌ରୁ ସମ୍ବଲପୁର ସିଟି ଷ୍ଟେସନ୍ ପର୍ଯ୍ୟନ୍ତ ରେଳ ଲାଇନ୍ ସହ ସମାନ୍ତରାଳ ରାସ୍ତା ନିର୍ମାଣ, ଧନୁପାଲି-ଭତରା ଏସ୍‌ପି ପର୍ଯ୍ୟନ୍ତ ଖୋଳା ଯାଇଥିବା ରାସ୍ତାର ପୁନଃନିର୍ମାଣ ଆଦି ବହୁ କାମ ବାକି ପଡ଼ିଛି । ଏହାଛଡ଼ା ୨୦୨୦ ମସିହା ଜାନୁଆରି ୨୧ ତାରିଖରେ ମା' ସମଲେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀ ମନ୍ଦିର ଓ ହୀରାକୁଦ ପର୍ଯ୍ୟଟନସ୍ଥଳର ବିକାଶ ସଂପର୍କିତ ୨ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଥିଲେ । ମା' ସମଲେଶ୍ୱରୀ ମନ୍ଦିରର ବିକାଶ ଓ ସୌନ୍ଦର୍ଯ୍ୟକରଣ ସହିତ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ କରାଯିବ । ଏଥି ପାଇଁ ବିଶେଷଜ୍ଞ ଦଳ ସମ୍ବଲପୁର ଆସି ଅନୁଧ୍ୟାନ କରି ରିପୋର୍ଟ ଦେବେ, ଯାହା ଆଧାରରେ ଉନ୍ନୟନ କାମ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ସେ କହିଥିଲେ । ସେହିପରି ହୀରାକୁଦକୁ ଏକ ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ ଭାବେ ବିକଶିତ କରାଯିବ । ହୀରାକୁଦରେ ପର୍ଯ୍ୟଟନର ବିକାଶ ପାଇଁ ଜଳ କ୍ରୀଡ଼ା, ଉଦ୍ୟାନ, କନ୍‌ଭେନ୍‌ସନ ସେଣ୍ଟର, ଲ୍ୟାଣ୍ଡସ୍କେପିଂ ଆଦିର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ତାଙ୍କ ଘୋଷଣାର ବର୍ଷେ ପରେ ସରକାର ସମଲେଇ ଯୋଜନାର ରୂପରେଖ ଜାରି କଲେ ଓ ଏବେ ସେହି କାମ ଦ୍ରୁତଗତିରେ ଚାଲିଛି । ହେଲେ ଦ୍ୱିତୀୟ ଘୋଷଣା ହୀରାକୁଦ ପର୍ଯ୍ୟଟନସ୍ଥଳର ବିକାଶ, କଥା ସଂପୂର୍ଣ୍ଣ ଭୁଲିଗଲେ । ବର୍ତ୍ତମାନ ପର୍ଯ୍ୟନ୍ତ ହୀରାକୁଦରେ ଦ୍ୱିତୀୟ ଚିଡ଼ିଆଖାନା, ମହୀଶୂରର ବୃନ୍ଦାବନ ଗାର୍ଡେନ୍ ଢାଞ୍ଚାରେ ଉଦ୍ୟାନ, ଆଦି ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଆଉ କିଛି ପ୍ରକଳ୍ପ ନିର୍ମାଣ ହୋଇ ବିନା ଉଦ୍‌ଘାଟନରେ ପୁଣି ଖତ ଖାଇବାକୁ ବସିଛି । ସେଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସର୍କିଟ୍ ହାଉସ୍ ଅନ୍ୟତମ । ଏହା ନିର୍ମାଣ ସରିବା ପରେ ପୁଣି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ଏହାଛଡ଼ା ଗଂଗାଧର ମେହେର ବିଶ୍ୱ-ବିଦ୍ୟାଳୟ ପ୍ରେକ୍ଷାଳୟ, ବେଜବରୁଆ ସ୍ମୃତିଭବନ, ରାଣୀବଖରି, ଭିଏସ୍‌ଏସ୍ ଟାଉନ୍‌ହଲ୍, ବୁଢ଼ାରଜା ୱାଚ୍ ଟାୱାର୍ ଇତ୍ୟାଦିର ନିର୍ମାଣ ଓ ପୁନଃନିର୍ମାଣ ସରିଛି । କିନ୍ତୁ ସେ ଗୁଡ଼ିକୁ ଉଦ୍‌ଘାଟନ ନକରି ପକାଇ ରଖାଯାଇଛି ।

## ସମ୍ବଲପୁରରେ ନୂତନ ଏସ୍.ପି ଯୋଗ ଦେଲେ

ସମ୍ବଲପୁର: ୨୦୧୩ ବ୍ୟାଚ୍ ଆଇପିଏସ୍ ଅଧିକାରୀ ମୁକେଶ ଭାମୁ ସମ୍ବଲପୁର ଏସ୍‌ପି ଭାବେ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ରାଉରକେଲା



ଏସ୍.ପି ରୂପେ କାର୍ଯ୍ୟ କରୁଥିଲେ । ୨୦୨୦ ମସିହା ଡିସେମ୍ବର ୨୬ ତାରିଖ ଠାରୁ ସମ୍ବଲପୁର ଏସ୍‌ପି ଭାବେ କାର୍ଯ୍ୟ କରୁଥିବା ବି. ଗଙ୍ଗାଧରଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରଛନ୍ତି । ଅଢ଼େଇବର୍ଷ ପରେ ମୟୁରଭଞ୍ଜକୁ ତାଙ୍କର ବଦଳି ହୋଇଛି ।

## ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗଦେଲେ ବିମଳେନ୍ଦୁ ରାୟ

ସୋନପୁର : ବରିଷ୍ଠ ଓଏଏସ ଅଧିକାରୀ ଶ୍ରୀ ବିମଳେନ୍ଦୁ ରାୟଙ୍କୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ସେ ପୂର୍ତ୍ତ ବିଭାଗରେ ସ୍ୱତନ୍ତ୍ର ସଚିବ ରୂପେ କାର୍ଯ୍ୟ କରୁଥିଲେ । ଜଣେ ଦକ୍ଷ ଅଧିକାରୀ ରୂପେ ପରିଚିତ ଶ୍ରୀ ରାୟ ପୂର୍ବରୁ



ସୁନ୍ଦରଗଡ଼ ଜିଲ୍ଲାର ଉପ ଜିଲ୍ଲାପାଳ ଭାବେ ଏବଂ ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବିଡିଓ, ସମ୍ବଲପୁର ଉପଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନର ରୂପେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ସୂଚନାଯୋଗ୍ୟ ଯେ ପୁର୍ବରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଥିବା ଅବୋଲି ସୁନିଲ ନରୱାଣେଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳ ଭାବେ ବଦଳି ହେବା ପରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶଙ୍କୁ ଭାରପ୍ରାପ୍ତ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଥିଲା ।

## ଏ ସଂଖ୍ୟାରେ..



ତେନ୍ତୁଳିର ଉପଯୋଗିତା



ଅବସାଦର ମହୌଷଧ କାଜୁ



ଭିଜା ଅଖରୋଟର ଲାଭ



ସାସ୍ଥ୍ୟୋପକାରୀ ଷ୍ଟ୍ରବେରି



ଖେଚୁଡିଖାଇ ସୁସ୍ଥ ରୁହନ୍ତୁ



ଘିଅର ଉପକାରିତା

## ଭିଏସ୍ଏସ୍ୟୁଟିକୁ ରାଜ୍ୟ ସରକାର ମଞ୍ଜୁର କଲେ ୨ ହଜାର କୋଟି

ବୁର୍ଲା : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ସରକାର ୨ହଜାର କୋଟି ଟଙ୍କାମଞ୍ଜୁର କରିଛନ୍ତି । ଏଥିପାଇଁ ଇନଷ୍ଟିଚ୍ୟୁଟ ଡେଭଲପମେଣ୍ଟ ପ୍ଲାନକୁ ମଧ ମଞ୍ଜୁରୀ ମିଳିଛି । ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ନିଷ୍ପତ୍ତି ଅନୁଯାୟୀ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟକୁ ରୂପାନ୍ତରଣ କରାଯିବ । ବିଶ୍ୱବିଦ୍ୟାଳୟରେ ଏକାଧିକ ବିଭାଗରେ ପାଠପଢ଼ା ଓ ଗବେଷଣା ହେବ ତଥା ଏହା ଗୋଟିଏ ପଟରେ ଏକାଡେମିକ ଏବଂ ଅନୁସନ୍ଧାନ କାର୍ଯ୍ୟ କରିବା ବେଳେ ଅନ୍ୟପକ୍ଷରେ ଶିଳ୍ପ ମଧରେ ସହଯୋଗ ଓ ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଏକ କେନ୍ଦ୍ର ଭାବରେ ମଧ କାର୍ଯ୍ୟ କରିବ । ଏହି ୨ ହଜାର କୋଟିରେ ଭିତ୍ତିଭୂମି ନିର୍ମାଣ ଓ ବୈଷୟିକ ଅନୁସନ୍ଧାନକୁ ପ୍ରାଥମିକତା ଦିଆଯିବ । ଉଲ୍ଲେଖଥାଉ କି, ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୫୬ ମସିହାରୁ ୟୁନିଭରସିଟି କଲେଜ ଅଫ ଇଞ୍ଜିନିୟରିଂ ନାମରେ ପ୍ରତିଷ୍ଠା ହୋଇଥିଲା । ବିଗତ ୬୬ ବର୍ଷ ମଧରେ ଏହି ବିଶ୍ୱବିଦ୍ୟାଳୟ ୪୦ ହଜାରରୁ ଅଧିକ ଇଞ୍ଜିନିୟର ସୃଷ୍ଟି କରିଛି । ୨୦୦୯ ସରକାର ଏହାକୁ ଏକ ବୈଷୟିକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଛନ୍ତି ।

## ରେଙ୍ଗାଲି ଥାନାରେ ରକ୍ତଦାନ ଶିବିର

ସମ୍ବଲପୁର : ରେଙ୍ଗାଲି ପୁଲିସ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରକୁ ଏସ୍‌ଡିପିଓ ପ୍ରଦୀପ ସାହୁ ଉଦ୍‌ଘାଟନ କରିଥିବା ବେଳେ ଓଆଇସି ଯଶୋବନ୍ତ ସାଲେମା, ଏସ୍ଇ ରଞ୍ଜନ ନାଗ, ଏସ୍ଆଇ ଲବନ୍ କିଶୋର ନନ୍ଦ ଏବଂ ଛାୟାକନ୍ତ ସରାଫ ଉପସ୍ଥିତ ଥିଲେ । ମୋଟ ୧୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏବଂ ଅନ୍ୟ କର୍ମଚାରୀ ପରିଚାଳନା କରିଥିଲେ । ହାବିଲଦାର ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ କରାଯାଇଥିଲା । ତୁଷାନ୍ତ ସାହୁ, ସ୍ୱାଧୀନ ଛତର, ରେଙ୍ଗାଲି ଥାନାର ହାବିଲଦାର ସୁରେନ୍ଦ୍ର ସାହୁ, ଉମାକାନ୍ତ ନାୟକ ଏବଂ ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



## ମହିଳା କଲେଜରେ ଅବସରପ୍ରାପ୍ତ ପ୍ରଫେସରଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର : ସରକାରୀ ମହିଳା ମହାବିଦ୍ୟାଳୟର ଅବସର ଗ୍ରହଣ କରିଥିବା ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ନୌବିହାରୀ ପ୍ରଧାନ ଏବଂ ଦର୍ଶନ ଶାସ୍ତ୍ର ବିଭାଗର ପ୍ରଫେସର ଗୋଲାକ ବିହାରୀ ଦାସ ଓ ବରିଷ୍ଠ କିରାଣୀ କୌଶିକ କୁମାର ଧରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । କଲେଜ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର ଜିତେନ କୁମାର ମିଶ୍ର, ଉମାଶଙ୍କର ଦାଶ, ଅଖିଳ ବିଶ୍ୱାଳ, ପବିତ୍ର ମୋହନ ବେହେରା, ଯାଗେଶ ଚନ୍ଦ୍ର ଭୋଇ, ସୁବାଷ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ, ମହମ୍ମଦ ଜାଭେଦ, କଲେଜର ପ୍ରାକ୍ତନ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଏନ୍.ଏସ୍.ସିବି କଲେଜରେ ଇଗ୍ନୋ ପରୀକ୍ଷା

ସମ୍ବଲପୁର : ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟରେ ଇଗ୍ନୋର ଟର୍ମ ଏଣ୍ଡ ପରୀକ୍ଷା ଜୁନ୍ ୨୦୨୩ ଗତ ଗୁରୁବାର ଠାରୁ ଆରମ୍ଭ ହୋଇଯାଇଛି । ଆସନ୍ତା ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାରେ ୮୩୨ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ସମନ୍ୱୟକ ଡକ୍ଟର ଶ୍ୟାମ ଭୋଇଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଏହି ପରୀକ୍ଷାରେ ସ୍ନାତକ, ସ୍ନାତକୋତ୍ତର, ଡିପ୍ଲୋମା, ପିଜି ଡିପ୍ଲୋମା ଆଦି ପୋଗ୍ରାମର ୨୦୦ ରୁ ଉର୍ଦ୍ଧ୍ୱ ବିଷୟରେ ପରୀକ୍ଷାର୍ଥୀମାନେ ଏନ.ଏସ୍.ସି.ବି ମହାବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଛନ୍ତି । ପରୀକ୍ଷା ପରିଚାଳନାରେ ଆସିଷ୍ଟାଣ୍ଟ କୋଡିନେଟର ବୀରସେନ ଦଳାଇ ଆସିଷ୍ଟାଣ୍ଟ ଉତ୍ତମ କୁମାର ରାଉଳ, ଦୁର୍ଯ୍ୟୋଧନ ଗଉଡ, ସନାତନ ମେହେର, ସୁଶାନ୍ତ ମହାପାତ୍ର, ଗୋପାଲ ପାଣ୍ଡେ ପ୍ରମୁଖ ସହଯୋଗ କରୁଛନ୍ତି । ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ଦୁର୍ଲ୍ଲଭ କୁମାର ସା ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ମୁଇଁ ବେଏଲେଁ କବିତାରେ ଜୀବନ ଦର୍ଶନ

**ଯଶୋବନ୍ତ ବିଶ୍ୱାଳ**

**ଦେବଭୂମି** ଭାରତରେ ଯେତେବେଳେ ଦାନବର ଅତ୍ୟାଚାର ଅତିଷ୍ଠ ହୋଇ ପଡେ ସେତେବେଳେ ନ୍ୟାୟ, ନୀତିନିଷ୍ଠ ଦେବତ୍ୱର ପରିପ୍ରକାଶ ହୋଇଥାଏ । ଏଇ ମାଟିରେ ଅନ୍ୟାୟ, ଅନୀତି, ଅତ୍ୟାଚାର କେବେ ବି ବଳବତ୍ତର ରହିପାରେ ନାହିଁ । ସେହି ଅନ୍ୟାୟ, ଅତ୍ୟାଚାର କରିବା ଅନ୍ତରାଳରେ ରହିଛି ମୁଁ କାର ପଣିଆ । ଯାହା ଷଡ଼ରିପୁ ଦ୍ୱାରା କବଳିତ । କାମ, କ୍ରୋଧ, ଲୋଭ, ମୋହ, ମଦ ମାର୍ତ୍ସର୍ଯ୍ୟ ରୂପକ ଷଡ଼ରିପୁ ଦ୍ୱାରା ମଣିଷ ଆସକ୍ତ ହୋଇପଡେ ସେତେବେଳେ ସେ ନିଜକୁ ହିଁ ଦେଖିଥାଏ । ନିଜସ୍ୱ ବ୍ୟତୀତ ଅନ୍ୟ କିଛି ତାର ଦୃଷ୍ଟି ପଥାରୂଢ଼ ହୁଏ ନାହିଁ । ତାମସିକ ପ୍ରବୃତ୍ତି ପ୍ରବଳରୁ ପ୍ରବଳତର ହୋଇଥାଏ । ମୁଁ ହିଁ ସବୁକିଛି, ମୁହିଁ ହର୍ତ୍ତା, କର୍ତ୍ତା, ବିଧାତା ରୂପେ ନିଜକୁ ଭାବିଥାଏ । ଏହି ମୁଁ କାର ପଣିଆକୁ ନେଇ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ପଣେସୁତା ମାଲେଫୁଲ କବିତା ସଙ୍କଳନର ଲୋକ ଚେତନାଧର୍ମୀ କବିତାଟିଏ ମୁଇଁ ବଏଲେଁ । ଏହି କବିତା ବାସ୍ତବିକ ମଣିଷ ସମାଜ ପାଇଁ ଏକ ପ୍ରକୃଷ୍ଟ ପଥ ପ୍ରଦର୍ଶକ ।

ଏହି ମୁଁ କାର ପଣିଆକୁ ନେଇ କିଛି ପୌରାଣିକ କଥା ସଂଯୋଜନା କରି ମିତ୍ରଭାନୁ ଗୌନ୍ତିଆ ଯେଉଁ ମାର୍ମିକ ଚେତନା ପ୍ରଦାନ କରିଛନ୍ତି ବାସ୍ତବିକ ସମାଜ ପାଇଁ ଏକ ସତର୍କ ଘଣ୍ଟି ସ୍ୱରୂପ । କବି ପ୍ରଥମେ ମହାନ ସହନଶୀଳତା ମହୀ ଯେତେବେଳେ ଅନ୍ୟାୟରେ ଭାରାପ୍ରାପ୍ତ ହୁଏ, ଶାନ୍ତ, କାନ୍ତ, ସୁଶୀଳ ସର୍ବସଂହା ମହୀ ମୁକାର ପଣିଆ ସଂଯୁକ୍ତ ବ୍ୟକ୍ତିତ୍ୱ ଦ୍ୱାରା ଅତିଷ୍ଠ ହୋଇଉଠେ । ଅଧର୍ମୀର ଅତ୍ୟାଚାର ରୂପକ ଯୁଗ କାଷ୍ଠରେ ଧର୍ମ, ଆଚାର, ନ୍ୟାୟ ବନ୍ଧାପଡେ, ସେତେବେଳେ ସମସ୍ତେ ତ୍ରାହି ତ୍ରାହି ଡାକନ୍ତି ଏହି ମର୍ମରେ କବି ଲେଖିଲେ- 'ମୁଇଁ ମୁଇଁ ବଏଲେଁ ଭାଇ ସହି ନାଇଁ ପାରେ ମହୀ

ଯେନ କଥା ଅଛେ ମୁକାର ଲାଗି ଯାହିଁ ତାହିଁ ଦେଲି ଗାଇ ।

ମୁଁ କାରରୁ ଯେଉଁ ଉଶୃଙ୍ଖଳ ପରିସ୍ଥିତି ସୃଷ୍ଟି ହୁଏ ଏବଂ ତାର ପରିଣାମ ହୁଏ କେତେ ଭୟଙ୍କର ତାର ପ୍ରମାଣ ସ୍ୱରୂପ ରାବଣ, କଂସ, ଦୁର୍ଯ୍ୟୋଧନ, ବଳୀ, ହରିଶ୍ଚନ୍ଦ୍ର ପରି ମହାନ ବ୍ୟକ୍ତିତ୍ୱମାନଙ୍କର କୃତକର୍ମର ପରିଣାମକୁ କବି ସୁନ୍ଦର ଭାବରେ ଉପସ୍ଥାପନ କରି ଚେତାବନୀ ଦେଇଛନ୍ତି-

ମୁଁ କାର ଲାଗିଁ ସୁନାର ଲଁକା ହନୁ
କରି ଦେଲା ବଁକା
ପୁତା ମୁହାଁ ରାବଣ ରଜା ହେଲା
ଲାଲିଘିଚା ଚକା
ହାତୁ ଯାଉଁ ଯାଉଁ ପନତୁ ଗଲା କଥା
ଗଲା ଇନ ରହି
ଦାନର ଲାଗିଁ ମରଲା ବଳୀ
ହରିଶଚନ୍ଦର ରଜା
ପୁରାନ ବହି ଜାନବୁ ଗାଇ କିଏ
ହେଲା କେନ ସଜା
ମୁଇଁ ମୁଇଁ ବଲି ଦେଖେଇ ହେଇ ନାଇଁ
ଯିବ ଦେଲି କହି
ବଢ଼ିଆଁ କିଏ ଆମର ଠାନୁ ବଲି
କହରବ କଂସ
ମାନଲେ ନାଇଁ କେହି କେ କେହି
ବୁଡ଼ିଗଲା ସର ବଂଶ ।

ମୁଁ କାରରୁ ଯେଉଁ ଅହଂକାର ଜାତ ହୁଏ ଏବଂ ମଣିଷକୁ ତାମସିକ ପ୍ରବୃତ୍ତିରେ ନିୟୋଜିତ କରେ ତଦ୍ୱାରା ତଳ ପାହାଚର ସମସ୍ତ ମଣିଷ ତାକୁ ନଗଣ୍ୟ ଦିଶନ୍ତି, ସମସ୍ତଙ୍କୁ ସେ ଇତର ମଣେ ଠିକ୍ ଯେପରି ରାବଣ, ବଳୀ, କଂସ କୌରବ ମାନଙ୍କ ଦ୍ୱାରା ହୋଇଛି । ସେହି ଅହଂକାର ହିଁ ତାକୁ ତାର ପରିଣାମ ଦେଇଛି । ମହାଜ୍ଞାନୀ ଚାଣକ୍ୟ ମଧ ସେ ବିଷୟରେ କହନ୍ତି- ଅତିଗର୍ବେ ହତ ଲଙ୍କା ଅତିମାନେ ଚ କୌରବ, ଅତି ଦାନେ ବଳୀ ର୍ବଧଂ ଅତ୍ୟନ୍ତ ସର୍ବତ୍ର ଗର୍ହିତମ୍ ।

ମୁଁ କାର ପଣିଆଁ ଯେତେବେଳେ ଅତିହୁଏ ସେତେବେଳେ ହିଁ ଇତି ହୁଏ । ଏହା ହେଉଛି ଏ ଦେବ ଭୂମିର ନିୟମ ।

ଏହି ମାଟିରେ ଯେତେବେଳେ ହେଉ ଯେ କେହି ହେଉ ନା କାହିଁକି ଆତ୍ମ ବଡ଼ିମାର କଥା କହିଛି, ଉଚ୍ଛୃଙ୍ଖଳିତ ଆଚରଣ କରିଛି ମୁଁ କାର ପଣିଆ ଦେଖେଇଛି ତାର ହୋଇଛି ଅନ୍ତ । ଏ ବିଷୟରେ ଅନୁଗୀତା କହନ୍ତି-

ବ୍ୟକ୍ଷରସ୍ତୁ ଭବେନମୃତ୍ୟୁ ତ୍ରିକ୍ଷରଂ ବ୍ରହ୍ମ
ଶାଶ୍ୱତମ୍
ମମେତି ଚ ଭବେନ ମୃତ୍ୟୁ ନ ମମେତି
ଚ ଶାଶ୍ୱତମ୍ ।

ଦୁଇଟି ଅକ୍ଷର 'ମମ' ବା ମରେ କହି ଉଦ୍ଧତ ପଣିଆ ଜାହିର କରିବା ଅର୍ଥ ମୃତ୍ୟୁକୁ ଆମନ୍ତ୍ରଣ କରିବା ଏବଂ 'ନମମ' ମୁଁ ନୁହେଁ ଭାବନାର ଶାଳୀନ, ସଂଯମ, ସମ୍ଭ୍ରମ ନେଇ ଚଳିବା, ଶାଶ୍ୱତ ସତ୍ୟ ବ୍ରହ୍ମ ଅନୁଗାମୀ ହୋଇ ଦୀର୍ଘ ଜୀବନ ବଞ୍ଚିବା ଶ୍ରେୟସ୍କର । ତେଣୁ ମୁଁ କାର ପଣିଆ ଠାରୁ ଦୂରରେ ରହି ନିଜସ୍ୱ ମନେ କରୁଥିବା ସମସ୍ତ କର୍ମକୁ ସେହି ନିତ୍ୟ ସତ୍ୟ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିପାରିଲେ ଚରମ ଶାନ୍ତି ପରମତୃପ୍ତି ପ୍ରାପ୍ତ ହୋଇଥାଏ । ସେଥିପାଇଁ ସ୍ୱଭାବ କବି ଗଂଗାଧର ମେହେର ତାଙ୍କ ଭକ୍ତି କବିତାରେ ଲେଖିଛନ୍ତି-

ଆମାର ମାଥା ନତ କରେ ଦାଓ
ତୋମାର ଚରଣ ଧୂଳାର ତଳେ
ସକଳ ଅହଁକାର ହେ ଆମାର ଡୁବାଅ
ଚୋଖେର ଜଳେ ।

ଭଗବାନ କୃଷ୍ଣ ଗୀତାରେ କହିଛନ୍ତି ସର୍ବ ଧର୍ମ ନ ପରି ତେଜ୍ୟ ମାମେକଂ ଶରଣଂ ବ୍ରଜ । ନିଜର ସମସ୍ତ କର୍ମ, ଧର୍ମକୁ ସେହି ପରମ ପୁରୁଷଙ୍କ ପଦପଙ୍କଜରେ ଅର୍ପଣ କରି ଦେଇ ପାରିଲେ ଜୀବନ ଜିଜ୍ଞାସୁର ଜିଜ୍ଞାସା ମୁଁ କାର ରୂପୀ ଅହଂକାରରେ ସୀମିତ ନ ହୋଇ ବିଶ୍ୱକଲ୍ୟାଣ ପାଇଁ ଜୀବନ ସମର୍ପିତ ହୋଇ ସତ୍ୟ ବ୍ରହ୍ମଙ୍କ ସମୀପ ବର୍ତ୍ତୀ ହୋଇ ପାରିବ ।

କବି ଗୌନ୍ତିଆ ନିଜ କବିତା ମାଧମରେ ସୂଚୀତ କରିଛନ୍ତି ଯେ, ମୁଁ କାର ପଣିଆକୁ ସଂପୂର୍ଣ୍ଣ ଭାବରେ ଜଳାଞ୍ଜଳୀ ଦେଇ ଜୀବନରେ ଶାନ୍ତି, ତୃପ୍ତି ଓ ମୁକ୍ତି ପ୍ରାପ୍ତି ସକାଶେ ତ୍ୟାଗ ଓ ତିତିକ୍ଷା ହିଁ ହେଉ ଜ୍ଞେୟ ଓ ଧ୍ୟେୟ ।

**ଦେଉଳୀ, ମହୁଲପାଲି, ପଦ୍ମପୁର**

## ଅନ୍ତିମ ପାହାଚ

ମନୁଷ୍ୟର ଉପରିଭାଗ ଅର୍ଥାତ୍ ଚର୍ମର ଆବରଣ ଯୋଗୁଁ ମନୁଷ୍ୟକୁ ଦେଖି ହୋଇଥାଏ ନତୁବା ଚର୍ମତଳର ଦୃଶ୍ୟ ନର୍କଠାରୁ କିଛି କମ୍ ନୁହଁ । ଲୋକେ କଥା ହୋଇଥାନ୍ତି ଯେ ସେ ବହୁତ ସୁନ୍ଦର । ଅମୁକ ଅଭିନେତ୍ରୀ ବିଶ୍ୱ ସୁନ୍ଦରୀ । କିନ୍ତୁ ଦେଖିବାକୁ ଗଲେ ମନୁଷ୍ୟର ସୌନ୍ଦର୍ଯ୍ୟତା କିଛି ନାହିଁ କହିଲେ ଚଳେ । ଯଦି ସେ ସୁନ୍ଦର, ତେବେ ଏତେଗୁଡ଼ିଏ ପ୍ରସାଧାନ ବ୍ୟବହାରର ଆବଶ୍ୟକତା କ'ଣ ରହିଛି ? ପ୍ରତିମୁହୂର୍ତ୍ତରେ ପ୍ରସାଧାନର ଲେପନ ବା ଆବରଣରେ ସେ କିଛି ମାତ୍ରାରେ ସୁନ୍ଦର ଦେଖାଯାଇଥାଏ । ପ୍ରକୃତରେ ମନୁଷ୍ୟର ସୁନ୍ଦରତା ପଶୁ ପକ୍ଷୀଠାରୁ ମଧ ନ୍ୟୁନ । ଯଦି ତାହା ହୋଇ ନ ଥାନ୍ତା, ତେବେ ସେ ବଗର ଗ୍ରୀବା, ସିଂହର କଟିଦେଶ କିମ୍ବା କମଳ ପାଖୁଡ଼ା ପରି ନୟନକୁ ଅନୁକରଣ କରୁନଥାନ୍ତା । କୋଇଲିର କଣ୍ଠକୁ ପ୍ରଶଂସା କରୁନଥାନ୍ତା । କଥା ପ୍ରସଙ୍ଗରେ କହୁନଥାନ୍ତା କି ତାଙ୍କର ଦାନ୍ତ ମୂଷାଦାନ୍ତ ପରି ତୀକ୍ଷ୍ଣଣ, କିନ୍ତୁ ମୁଗଦାନା ପରି ଗୋଲ । ଅମୁକ ଲୋକର ନାସିକା ଗରୁଡ଼ ନାସିକା ପରି ସୁନ୍ଦର । ପଶୁ ପକ୍ଷୀମାନଙ୍କର ଅଙ୍ଗକୁ ନେଇ ଏମିତି ଗୁଡ଼ାଏ ଉପମା ଦିଆଯାଇଥାଏ । ଏଥିରୁ ସ୍ପଷ୍ଟ ଯେ, ମନୁଷ୍ୟ ଶରୀରର ଅଙ୍ଗ ଅପେକ୍ଷା ପଶୁପକ୍ଷୀମାନଙ୍କର ଅଙ୍ଗ ସୁନ୍ଦର । କେବଳ ସୁନ୍ଦର କାହିଁକି ? ପଶୁପକ୍ଷୀମାନଙ୍କର ଶରୀରରୁ ନାନାପ୍ରକାର ଔଷଧ ପ୍ରସ୍ତୁତ ହୋଇଥାଏ । ବ୍ୟାଘ୍ର ଅସ୍ଥି, ଗଣ୍ଡା ମାଂସ, ଗୋମୂତ୍ର, ଗୋବର, ବଜ୍ରକାପ୍ତା, ବାଦୁଡ଼ି, କୋଚିଲାଖାଇ ଇତ୍ୟାଦି ଇତ୍ୟାଦି ପଶୁପକ୍ଷୀଙ୍କର ଜୀବନ୍ତ ଶରୀରର ବର୍ଜ୍ୟବସ୍ତୁ ବ୍ୟବହାରରେ ଅସାଧ ରୋଗର ନିବାରଣ ହୋଇଯାଇଥାଏ । ଏପରିକି ମୃତ୍ୟୁ ପରେ ମଧ ସେମାନଙ୍କର ଶରୀର ବ୍ୟବହାର ଉପଯୋଗୀ ହୋଇଥାଏ । ଯେପରି ହାତୀର ଦାନ୍ତ, ବ୍ୟାଘ୍ରର ଚମଡ଼ା ଏପରିକି ସର୍ପର ଚମଡ଼ା ମଧ ବହୁଳ ମାତ୍ରାରେ ବ୍ୟବହୃତ ହୋଇଥାଏ । ପ୍ରତ୍ୟେକ ଲତା କିମ୍ବା ବୃକ୍ଷରେ କିଛି ନା କିଛି ଔଷଧୀୟ ଗୁଣ ରହିଛି, ସେହିପରି ପ୍ରତ୍ୟେକ ପଶୁପକ୍ଷୀଙ୍କ ଶରୀରରୁ କିଛି ନା କିଛି ଔଷଧ ପ୍ରସ୍ତୁତ ହୋଇଥାଏ । କିନ୍ତୁ ମନୁଷ୍ୟର ଶରୀର ମୃତ୍ତିକା ଠାରୁ ମଧ ହୀନ । ମାଟି ତ ଘରର ଲିପାପୋଛା କାମରେ ଆସିଥାଏ, ବଗିଚା ପାଇଁ ମଧ ବ୍ୟବହୃତ ହୋଇଥାଏ ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

# ମହାମୃତ୍ୟୁଞ୍ଜୟ ମନ୍ତ୍ରର ମହିମା

ତ୍ର୍ୟମ୍ବକଂ ଯଜାମହେ, ସୁଗନ୍ଧିମ୍
ପୁଷ୍ଟିବର୍ଦ୍ଧନମ୍ ।
ଉର୍ବାରୁକମିବ ବନ୍ଧନାନ୍
ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍ ।

ଅର୍ଥାତ୍ - ସୁଗନ୍ଧି (ସଦ୍‌ଗୁଣ) ଓ ପୁଷ୍ଟିବର୍ଦ୍ଧକ (ପୋଷଣକାରୀ), ତ୍ର୍ୟମ୍ବକ (ତ୍ରିନେତ୍ରଧାରୀ ଶିବ)ଙ୍କୁ ମୁଁ ଯଜନ (ପୂଜନ) କରୁଛି, (ସେହି ଦେବ) ମୋତେ ନିଜର ଅମୃତ (ଗୁଣଗୁଡ଼ିକ) ଦ୍ୱାରା ଉର୍ବାରୁକ (ଖରଭୁଜ ବା ଅନ୍ୟ ଫଳ ପକ୍ୱ ହେବା ପରେ ଡେଙ୍ଫ ଛାଡ଼ିଦେବା) ସମାନ ମୃତ୍ୟୁର ବନ୍ଧନରୁ ମୁକ୍ତ କରନ୍ତୁ, ଅମୃତରୁ ନୁହେଁ ।

ଏହି ଅର୍ଥରୁ ସ୍ପଷ୍ଟ ହେଉଛି ଯେ ବନ୍ଧନରୁ ମୁକ୍ତ ଓ ଅମୃତରେ ଯୁକ୍ତ ହେବା ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଅନୁଷ୍ଠାନ କରାଯାଏ । ଏଠାରେ ଉରୁ+ଆ+ରୁକ ଶବ୍ଦର ପ୍ରୟୋଗ ହୋଇଛି । ଏହି ଉର୍ବାରୁକ ଶବ୍ଦର ପାଞ୍ଚଟି ଅର୍ଥ ଅଛି- ଖରଭୁଜ, ଅମୃତ, ଦୀପ୍ତି, ପ୍ରାଣ ଓ ଚକ୍ଷୁ । ପ୍ରତ୍ୟେକ ଖରଭୁଜକୁ 'ଉର୍ବାରୁକ' ବୋଲାଇବାର ଗୌରବ ପ୍ରାପ୍ତ ହୋଇ ନ ଥାଏ । ଯେଉଁ ଖରଭୁଜ ନିଜର ପୂର୍ବ ଆକାରକୁ ପ୍ରାପ୍ତ ହୋଇ ସମ୍ପୂର୍ଣ୍ଣ ରୂପେ ପାଚିଯାଏ, ସେତେବେଳେ ତାକୁ 'ଉର୍ବାରୁକ'ର ସଂଜ୍ଞା ଦିଆଯାଏ । କାରଣ ସେ ସ୍ୱୟଂ ଲତାଠାରୁ ଅଲଗା ହୋଇଯାଏ ଏବଂ ତାପରେ ତାହା ଅମୃତ ସମାନ ଗୁଣକାରୀ ହୋଇଯାଏ । ତାହାର ସେବନ ଦ୍ୱାରା ଦୀପ୍ତି, ନେତ୍ରର ଜ୍ୟୋତି ଓ ପ୍ରାଣବଳ ବଢ଼ିଥାଏ ।

ଏ ସନ୍ଦର୍ଭରେ ଗୋଟିଏ କଥା ଅଛି । କଳ୍ପ ଆରମ୍ଭର ଘଟଣା । ଏହି କଥାଟି ଶିବପୁରାଣ, ହରିବଂଶ ପୁରାଣ, ମାର୍କଣ୍ଡେୟ ପୁରାଣ, ଦେବୀ ଭାଗବତ, ମହାଭାରତ, ପଦ୍ମପୁରାଣ, ବାୟୁପୁରାଣ ଆଦିରେ ବିସ୍ତାର ପୂର୍ବକ ବର୍ଣ୍ଣିତ ହୋଇଛି । ଅଙ୍ଗିରାଙ୍କ ପୁତ୍ରର ନାମ 'ଜୀବ' ଥିଲା । ସେ ହିଁ କାଳାନ୍ତରରେ 'ଦେବଗୁରୁ ବୃହସ୍ପତି' ବୋଲାଇଲେ । ମହର୍ଷି ଭୃଗୁଙ୍କ ପୁତ୍ରର ନାମ 'କବି' ଥିଲା, ଯିଏ କାଳାନ୍ତରରେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ରୂପେ ବିଖ୍ୟାତ ହେଲେ ।

'ଭୃଗୁ' ଓ 'ଅଙ୍ଗିରା' ମହର୍ଷିଙ୍କ ମଧ୍ୟରେ ଅଗାଧ ପ୍ରେମଭାବ ଥିଲା । ଅଙ୍ଗିରାଙ୍କ ଗୁରୁ ଆଶ୍ରମ ବୈଦିକ ଜ୍ଞାନର ପ୍ରମୁଖ କେନ୍ଦ୍ର ଥିଲା । ଫଳରେ ମହର୍ଷି ଭୃଗୁ ନିଜ ପୁତ୍ର କବିକୁ ତାଙ୍କ ଆଶ୍ରମକୁ ପଠାଇଲେ । କବି ଓ ଜୀବ ଏକାଠି ଅଧ୍ୟୟନ କଲେ । ଦୀକ୍ଷା ପୂର୍ବରୁ ମହର୍ଷି ଅଙ୍ଗିରା ନିଜ ପୁତ୍ର ଜୀବକୁ ବିଶେଷ ଦୀକ୍ଷା ଦେଲେ । ତାଙ୍କର ଏହି ଆଚରଣ ବାଳକ କବି ମନକୁ କଣ୍ଟା ଭଳି ବିଦ୍ଧ କଲା ।

ସେ ଆଶ୍ରମ ଛାଡ଼ି ବିଶେଷ ଜ୍ଞାନର ଅନ୍ୱେଷଣରେ ବାହାରି ପଡ଼ିଲା । ଦିନେ ସେ ମହର୍ଷି ଗୌତମଙ୍କ ଆଶ୍ରମ ପାଖରେ ଚିନ୍ତିତ ମୁଦ୍ରାରେ ବସିଥିଲା । ମହର୍ଷି ଗୌତମ ତା' ଚିନ୍ତାର କାରଣ ପଚାରିଲେ । କବି ବିନମ୍ର ଭାବରେ କହିଲା– "ଋଷିବର ! ତାହା କେଉଁ ବିଶେଷ ଜ୍ଞାନ, ଯାହାକୁ ମହର୍ଷି ଅଙ୍ଗିରା ନିଜ ପୁତ୍ର ଜୀବକୁ ଦେଲେ ଆଉ ମୋତେ ଦେଲେ ନାହିଁ ।" ମହର୍ଷି ଗୌତମ ଉତ୍ତର ଦେଲେ – ""ବତ୍ସ ! ତୁମ ଶଙ୍କାର ସମାଧାନ କେବଳ ତିନି ଲୋକର ଦ୍ରଷ୍ଟା ପରମାତ୍ମା ତ୍ର୍ୟମ୍ବକ ହିଁ କରିପାରିବେ ।"

ବାଳକ କବି ପୁନଃ ପ୍ରଶ୍ନ କଲା- "ପରମାତ୍ମାଙ୍କ ସାକ୍ଷାତ୍‌କାର ତ ତପ ଦ୍ୱାରା ହିଁ ସମ୍ଭବ । ତେଣୁ ହେ ଋଷିବର ! ମୁଁ କେଉଁ ମନ୍ତ୍ରରେ ଓ କେଉଁ ସ୍ୱରୂପର ଅବଧାରଣା କରି ପ୍ରଭୁଙ୍କ ସାକ୍ଷାତ୍‌କାର ପାଇବି ? ମୋର ମାର୍ଗଦର୍ଶନ କରନ୍ତୁ ଋଷିବର ।" ଗୌତମ ଋଷି ଉତ୍ତର ଦେଲେ- "ବତ୍ସ ! ଆଚାର୍ଯ୍ୟମାନଙ୍କର ପରମ ଆଚାର୍ଯ୍ୟ ଓ ବିଦ୍ୟାଗୁଡ଼ିକର ଜନକ ହେଉଛନ୍ତି ଦେବାଦେବ ଶଙ୍କର । ତାଙ୍କରି ଶରଣାଗତି ପ୍ରାପ୍ତ ହୁଅ ।"

ବାଳକ କବି 'ଓଁ ନମଃ ଶିବାୟ'କୁ ଗୁରୁମନ୍ତ୍ର ମାନି ଗୌତମୀ ଗଙ୍ଗା (ଗୋଦାବରୀ) କୂଳରେ ତପ ଆରମ୍ଭ କଲା । ଦୀର୍ଘ ବର୍ଷର ତପ, ସାଧନା ପରେ ଭଗବାନ ଶଙ୍କର ପ୍ରକଟ ହେଲେ, ବାଳକର ରୋମ ରୋମରେ ପ୍ରେମ ପୁଲକିତ ହୋଇଗଲା । ସେ ଏବେ ଯୁବକ ହୋଇଯାଇଥିଲା । ସେ ଦୀନ ଭାବରେ ଶିବଚରଣରେ ନିବେଦନ କଲା ।

ଭଗବାନ ଶଙ୍କର ପ୍ରସନ୍ନ ହୋଇ କହିଲେ– "ବତ୍ସ ! ମୁଁ ତୁମକୁ ଏଭଳି ବିଦ୍ୟାର ଜ୍ଞାନ ଦେଉଛି, ଯାହା ମୋ ବ୍ୟତୀତ ଅନ୍ୟ କୌଣସି ଦେବ-ଦାନବ, ଗନ୍ଧର୍ବ-ମାନବ ଅଥବା କାହାକୁ ବି ଜଣା ନାହିଁ ।" ଭଗବାନ ଶଙ୍କର ଯେଉଁ ପରମଜ୍ଞାନ ପ୍ରଦାନ କଲେ, ତାହା ହିଁ କାଳାନ୍ତରରେ 'ମହାମୃତ୍ୟୁଞ୍ଜୟ ମନ୍ତ୍ର' ଓ 'ମହାସଞ୍ଜୀବନୀ ବିଦ୍ୟା' ରୂପେ ଧର୍ମଗ୍ରନ୍ଥ ଗୁଡ଼ିକରେ ବର୍ଣ୍ଣିତ ହେଲା ।

ସେହି ପରମଜ୍ଞାନକୁ ପ୍ରାପ୍ତ ହୋଇ ବାଳକ କବି ନିଜର ଜ୍ଞାନ ବଳରେ ଦୈତ୍ୟଗୁରୁ ପଦରେ ପ୍ରତିଷ୍ଠିତ ହେଲେ । 'ସ୍ୱରୋଚିଷ ମନ୍ୱନ୍ତର'ରେ ଋଷି ଅଙ୍ଗିରାଙ୍କ ପୁତ୍ର ଜୀବ 'ସପ୍ତର୍ଷି ପ୍ରଧାନ' ବୋଲାଇଲେ ଓ ସେ 'ଦେବଗୁରୁ ବୃହସ୍ପତି' ରୂପେ ସମ୍ମାନିତ ହେଲେ ।

ସେହି ଦେବଗୁରୁ ବୃହସ୍ପତି ବାମନ ଅବତାର ସମୟରେ ସ୍ୱୟଂ ପ୍ରଭୁ ବାମନଙ୍କୁ ବେଦ, ଶାସ୍ତ୍ର, ତି ଆଦିର ଶିକ୍ଷା ଦେଇଥିଲେ । ବାମନ ରୂପେ ଦାନ ଦେବା ପାଇଁ ଯେତେବେଳେ ଭଗବାନ ବାମନ ବ୍ରାହ୍ମଣ ରୂପ ଧରି ମହାରାଜ ବଳିଙ୍କ ଦ୍ୱାରରେ ପହଞ୍ଚିଲେ ତ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ନିଜର ତ୍ରିକାଳଦର୍ଶୀ ଜ୍ଞାନ ବଳରେ ତାଙ୍କୁ ସହଜରେ ଚିହ୍ନିଗଲେ । କାଳଦ୍ରଷ୍ଟା ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସଚେତ କରିଦେଇ କହିଲେ– "ମହାରାଜ ଇଏ ବାମନ ନୁହନ୍ତି, ବିରାଟ ରୂପ ଭଗବାନ ବିଷ୍ଣୁ । ଛଳ ଦ୍ୱାରା ତୁମର ସବୁ କିଛି ହରଣ କରିନେବାକୁ ଆସିଛନ୍ତି ।"

ତିନି କାଳର ଦ୍ରଷ୍ଟା ହେବାର ବରଦାନ ଆଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶଙ୍କରଙ୍କ ଠାରୁ ପ୍ରାପ୍ତ ହୋଇଥିଲା । ସେ ବାର ବର୍ଷ ପର୍ଯ୍ୟନ୍ତ ମହାମୃତ୍ୟୁଞ୍ଜୟ ମହାମନ୍ତ୍ରର ଅନୁଷ୍ଠାନ କରିଥିଲେ । ତାଙ୍କୁ ମନ୍ତ୍ରସିଦ୍ଧି ପ୍ରାପ୍ତ ହୋଇଯାଇଥିଲା ।

ଦେବଗୁରୁ ବୃହସ୍ପତିଙ୍କୁ ମହାମନ୍ତ୍ରର ସିଦ୍ଧି ମିଳିପାରି ନ ଥିଲା ଏବଂ ସେ ମହାସଞ୍ଜୀବନୀ ବିଦ୍ୟାରୁ ମଧ ବଞ୍ଚିତ ରହିଯାଇଥିଲେ । ଦେବଗୁରୁ ବୃହସ୍ପତି ନିଜର ପୁତ୍ର 'କଚ'କୁ ଜ୍ଞାନପ୍ରାପ୍ତି ହେତୁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ପାଖକୁ ପଠାଇ ଥିଲେ । ଦୈତ୍ୟଗୁରୁ ବିନା କୌଣସି ଭେଦଭାବରେ ଦେବଗୁରୁଙ୍କ ପୁତ୍ର କଚକୁ ନିଜ ହୃଦୟରେ ଲଗାଇ ଗୁରୁଭାବରେ ସେହି ଜ୍ଞାନ ପ୍ରଦାନ କରିଥିଲେ ।

'ମହାସଞ୍ଜୀବନୀ' ବିଦ୍ୟାର ସାଧନା ନିମନ୍ତେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଓ ଗାୟତ୍ରୀ ମନ୍ତ୍ରର ମିଶ୍ରିତ ଅନୁଷ୍ଠାନ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ତପସ୍ୟା ଦ୍ୱାରା କରିବାକୁ ପଡ଼ିଥାଏ । ତାପରେ ବ୍ୟକ୍ତିକୁ ପୂର୍ଣ୍ଣସିଦ୍ଧି ପ୍ରାପ୍ତ ହୋଇଥାଏ । ସେଥି ପାଇଁ କୁହାଯାଇଛି-

ମୃତ ସଞ୍ଜୀବନୀ ନାମ ବିଦ୍ୟା ଯା ମମ ନିର୍ମଳା ।
ତପୋବଳେନ ମହତା ମୟୌବ ପରିନିର୍ମିତା ।।

ମହାମୃତ୍ୟୁଞ୍ଜୟ ମନ୍ତ୍ରର ଅନୁଷ୍ଠାନ ବିଧି ଏହିପରି । 'ମହାମୃତ୍ୟୁଞ୍ଜୟ ମନ୍ତ୍ର'ର ସାଧନା ନିମନ୍ତେ ସୂର୍ଯ୍ୟାସ୍ତର ଅଧା ଘଣ୍ଟା ପୂର୍ବ ସମୟକୁ ନିର୍ଦ୍ଧାରିତ କରାଯାଇଛି । ଏହି ମନ୍ତ୍ରର ସାଧନା ସହିତ ସୂର୍ଯ୍ୟୋଦୟର ଅଧା ଘଣ୍ଟା ପୂର୍ବରୁ ଗାୟତ୍ରୀ ମନ୍ତ୍ରର ସାଧନାକୁ ଅନିବାର୍ଯ୍ୟ କରାଯାଇଛି ଯଦ୍ୟପି ଏହି ମନ୍ତ୍ରକୁ ସର୍ବକାଳିକ, ସାର୍ବଭୌମିକ କୁହାଯାଇଛି ଅର୍ଥାତ୍ ଏହି ମନ୍ତ୍ରର ଜପ ଯେତେବେଳେ ଓ ଯେଉଁଠାରେ ବି କରାଯାଇପାରେ ।

ମହାମୃତ୍ୟୁଞ୍ଜୟ ମନ୍ତ୍ରର ଅପାର ମହିମା ରହିଛି । ଅନୁଷ୍ଠାନ କର୍ତ୍ତା ବିଭିନ୍ନ କାମନାର ସହିତ ଅନୁଷ୍ଠାନ କରନ୍ତି । ସନାତନୀମାନେ ଗ୍ରହ, ଉପଗ୍ରହ ଗୁଡ଼ିକର କୁପ୍ରଭାବର ଶମନ ତଥା ମରଣାସନ୍ନ ବ୍ୟକ୍ତିର ତ୍ରାଣ ନିମନ୍ତେ ଏହି ମନ୍ତ୍ରର ଅନୁଷ୍ଠାନ କରନ୍ତି । ଆୟୁର୍ବେଦରେ ରୋଗ ନିବାରଣ ସକାଶେ ଏହି ମନ୍ତ୍ରର ଅନୁଷ୍ଠାନ ବର୍ଣ୍ଣିତ ହୋଇଛି ।

ବେଦାନ୍ତୀମାନେ ମାୟାରୁ ମୁକ୍ତି ଓ ବ୍ରହ୍ମଦର୍ଶନ ପାଇଁ ଏହି ମନ୍ତ୍ରର ଅନୁଷ୍ଠାନ କରନ୍ତି । ତାନ୍ତ୍ରିକମାନେ ତାନ୍ତ୍ରିକ ସିଦ୍ଧିଗୁଡ଼ିକର ପ୍ରାପ୍ତି ହେତୁ ଏହାର ଅନୁଷ୍ଠାନ କରନ୍ତି । ଅମରପଦ ପ୍ରାପ୍ତି ଇଚ୍ଛାରେ ଯୋଗୀମାନେ ଏହି ମନ୍ତ୍ରର ଅନୁଷ୍ଠାନ କରନ୍ତି ।

ଏହି ମନ୍ତ୍ରର ଅନୁଷ୍ଠାନ ଦ୍ୱାରା ମନୁଷ୍ୟକୁ ସୁଖ, ସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ପ୍ରାପ୍ତି ହୋଇଥାଏ । ମନ-ପ୍ରାଣ ଆନନ୍ଦିତ ହୋଇଥାଏ ଏବଂ ପ୍ରାଣୀ ମୋକ୍ଷମୟ ଅମୃତ ତତ୍ତ୍ୱଗୁଡ଼ିକରେ ସଂଯୁକ୍ତ ରହିଥାଏ । ଏହି କାରଣରୁ ମନ୍ତ୍ରର 'ମୃତ୍ୟୋର୍ମୁକ୍ଷୀୟ ମାମୃତାତ୍' ଅର୍ଥବାକ୍ୟରେ କାମନା କରାଯାଇଛି ଯେ 'ମୃତ୍ୟୋ ବନ୍ଧନାତ୍ ମୁକ୍ଷୀୟ' ମୃତ୍ୟୁର ବନ୍ଧନରୁ 'ମୁକ୍ଷୀୟ' ଅର୍ଥାତ୍ ମୁକ୍ତ ହୋଇଯିବି, 'ଅ– ମୃତାତ୍ମା' ଅମୃତରୁ ନୁହେଁ ।

'ଅମୃତ' ଦୁଇଟି ଶବ୍ଦର ମିଶ୍ରଣରେ ଗଠିତ, ଯାହାର ଅର୍ଥ ମୃତ ନୁହେଁ, ଯାହା କେବେ ବି ମରେ ନାହିଁ । ବ୍ୟାଖ୍ୟାରେ କୁହାଯାଇଛି– ଅମୃତାନ୍ ନିବର୍ତତେ ମୃତ୍ୟୁ" ଅର୍ଥାତ୍ ଅମୃତ ଦ୍ୱାରା ମୃତ୍ୟୁର ନିବାରଣ ହୋଇଥାଏ । ଯିଏ ପୂର୍ବ ଆୟୁକୁ ପ୍ରାପ୍ତ କରେ ସେ ଅମୃତ ପ୍ରାପ୍ତ କରିଥାଏ ।

'ଯ ଏବ ଶତଂ ବର୍ଷାଣି ଯେ ଭୂୟାଂସି ଜୀବତି ସ ହୈବୈତ ଦମ୍ମମାପ୍ନୋତି' ଯିଏ ଶହେ ବର୍ଷ ବା ଶହେ ବର୍ଷରୁ ଅଧିକ ସ୍ୱସ୍ଥ ଭାବରେ ସୁଖପୂର୍ବକ ବଞ୍ଚିଥାଏ, ସେ ଅମୃତ । ଅମୃତଂ ବୈ ପ୍ରାଣଃ– ପ୍ରାଣର ନାମ ଅମୃତ ; କାରଣ ପ୍ରାଣରୁ ହିଁ ମନୁଷ୍ୟ ତିଆରି ହୋଇଛି । 'ଯଦ୍ ଭେଷଜଂ ତଦମୃତମ୍' – ଔଷଧୀ ହିଁ ଅମୃତ ।କାରଣ ତାହା ରୋଗର ନିବାରଣ କରି ମୃତ୍ୟୁରୁ ରକ୍ଷା କରିଥାଏ । 'ଅମୃତଂ ହିରଣ୍ୟମ୍' - ସୁବର୍ଣ୍ଣ ଅମୃତ, କାରଣ ସୁବର୍ଣ୍ଣ ଧନ ଦ୍ୱାରା ଆୟୁ ବୃଦ୍ଧିର ସାଧନ ଉପଲବ୍ଧ ହୋଇଥାଏ । ଅ । ଗ୍ନି ର ମୃ ତ ମ୍ , 'ଆଦି ତୋ ମୃ ତ ମ୍, ବାୟୁରମୃତମ୍' ଅର୍ଥାତ୍ ? ସୂର୍ଯ୍ୟ ଅମୃତ, ଅଗ୍ନି ଅମୃତ, ବାୟୁ ଅମୃତ ; କାରଣ ଏଗୁଡ଼ିକ ଦ୍ୱାରା ଆୟୁ, ସ୍ୱାସ୍ଥ୍ୟ ଓ ନୀରୋଗତାର ସମ୍ପାଦନ ହୋଇଥାଏ । 'ଯଦମୃତଂ ତଦ୍ ବ୍ରହ୍ମ'– ଯାହା ଅମୃତ, ତାହା ବ୍ରହ୍ମ । ବ୍ରହ୍ମ ଅମୃତ ; କାରଣ ବ୍ରହ୍ମଙ୍କ ପ୍ରାପ୍ତି ଦ୍ୱାରା ପ୍ରାଣୀ ମୋକ୍ଷ ପ୍ରାପ୍ତ ହୋଇ ଜନ୍ମ-ମରଣରୁ ମୁକ୍ତ ହୋଇଯାଏ । 'ତମେବ ବିଦିତ୍ୱାତି ମୃତ୍ୟୁମେତି' – ସେହି ବ୍ରହ୍ମଙ୍କୁ ଜାଣି ମନୁଷ୍ୟ ମୃତ୍ୟୁକୁ ପାର କରିଥାଏ ।

ବ୍ରହ୍ମଙ୍କୁ ଜାଣିବାର ଅର୍ଥ 'ତ୍ୟମ୍ବକ'ଙ୍କ ସଙ୍ଗତି ଅଟେ ସଙ୍ଗତି– ଉପାସନା, ଆତ୍ମସମର୍ପଣ ଓ ଆରାଧନା ଦ୍ୱାରା ହୋଇଥାଏ । ସେଥିପାଇଁ କୁହାଯାଇଛି 'ତ୍ୟମ୍ବକଂ ଯଜାମହେ', ସେ ହିଁ ଦିବ୍ୟ ଦ୍ରଷ୍ଟା, ପାବନ ସ୍ରଷ୍ଟା ଓ ସର୍ବଦ୍ରଷ୍ଟା । ପରମାତ୍ମା ହିଁ ତ୍ୟମ୍ବକ ଅଟନ୍ତି । ମୃତ୍ୟୁରୁ ମୁକ୍ତ ଓ ଅମୃତରେ ଯୁକ୍ତ ହେବା ପାଇଁ ପ୍ରତ୍ୟେକ ସାଧକକୁ ତ୍ର୍ୟମ୍ବକଙ୍କ ସହିତ ତାଦାତ୍ମ୍ୟ ହୋଇ ନିରନ୍ତର ଏଭଳି ସାଧନା କରିବା ଦରକାର, ଯଦ୍ୱାରା ତା'ର ଜୀବନରେ ତ୍ରୁଟି ଏବଂ ଅପୂର୍ଣ୍ଣତା ଗୁଡ଼ିକର ପୂର୍ତ୍ତି ହେଉଥବ । ପ୍ରାର୍ଥନା ବା ମନ୍ତ୍ର ଦ୍ୱାରା ପ୍ରାର୍ଥୀ ମଧ୍ୟରେ ପାତ୍ରତାର ସମ୍ପାଦନ ହୋଇଥାଏ, ଶକ୍ତି ତଥା କ୍ଷମତାର ସଞ୍ଚାର ହୋଇଥାଏ ଏବଂ ତାହାର ପ୍ରଭାବରେ ସେ ନିଜର ଅଭୀଷ୍ଟ ପ୍ରାପ୍ତ କରିନିଏ ।

# ତେନ୍ତୁଳିର ଉପଯୋଗିତା

ଦକ୍ଷିଣ ଭାରତୀୟ ଖାଦ୍ୟରେ ତେନ୍ତୁଳିର ପ୍ରୟୋଗ ପ୍ରାୟତଃ ହୋଇଥାଏ । ଏହା ସେଠା ରାନ୍ଧୁଣିଆଙ୍କ ମୁଖ୍ୟ ମସଲା । ତେନ୍ତୁଳିକୁ ସେମାନେ ଭାତ, ଡାଲି, ସମ୍ବର, ଚଟଣି, ତରକାରିରେ ମଧ ପ୍ରୟୋଗ କରନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତେନ୍ତୁଳିର ଅନେକ ଉପଯୋଗିତା ରହିଛି । ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ନିମନ୍ତେ ଏହା ଏକ ଉତ୍ତମ ପୋଷକ । ହୃଦରୋଗରୁ ବର୍ତ୍ତିବାକୁ ଚାହୁଁଥିଲେ ନିୟମିତ ଭାବେ ଦ୍ୱିପହର ଅବା ସକାଳ ଜଳଖିଆରେ ତେନ୍ତୁଳିର ବ୍ୟବହାର କରିବା ଉଚିତ । ମଧୁମେହ ରୋଗୀଙ୍କ ନିମନ୍ତେ ଏହା ଏକ ମହୌଷଧି ଅଟେ । ଭିଟାମିନ୍ ସି' ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଭରପୁର ତେନ୍ତୁଳି ଅଂଶୁଘାତରୁ ମଧ ଶରୀରକୁ ରକ୍ଷା କରିଥାଏ । ଏଣୁ ଗ୍ରୀଷ୍ମଦିନେ ତେନ୍ତୁଳି ଚକଟାର ଆବଶ୍ୟକତା ବହୁତ ଅଧିକ । ଭୋକର କ୍ଷମତା ବଢ଼ାଉଥିବା ଏଇ ତେନ୍ତୁଳି ଓଜନ ହ୍ରାସ ନିମନ୍ତେ ମଧ ଜରୁରୀ । ନିୟମିତ ଭାବେ ତେନ୍ତୁଳି ଭୋଜନରେ ବ୍ୟବହାର କଲେ ତାହା କେଶ ଓ ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ ।



## ଆଜିର ଚିନ୍ତନ

ସେତେବେଳେ ଭାରତ ବ୍ରିଟିଶ ଶାସନାଧୀନ ଥିଲା । ଗଡଜାତ ରାଜାମାନେ ବିଳାସବ୍ୟସନରେ ବୁଡ଼ି ରହୁଥିଲେ । କିଛି ବର୍ଷ ଅନ୍ତରରେ ସେମାନେ କଲିକତା ଭ୍ରମଣରେ ଯାଇ ବାଇଜୀମାନଙ୍କ ଗହଣରେ ସୁରାପାନ କରି ସମୟ ଅତିବାହିତ କରୁଥିଲେ । ମାତ୍ର ରାଜା ସୁଢ଼ଳଦେବ ଥିଲେ ଜଣେ ବ୍ୟତିକ୍ରମ । ସେ କଲିକତା ଗଲେ ସେଠାକାର ବିଜ୍ଞ ତଥା ଶିକ୍ଷିତ ବ୍ୟକ୍ତିମାନଙ୍କୁ ଭେଟୁଥିଲେ । ଏହି କ୍ରମରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସହ ତାଙ୍କ ସାକ୍ଷାତ ହେଲା ଓ ପରେ ତାହା ବନ୍ଧୁତାରେ ପରିଣତ ହେଲା । ଥରେ ସେ ଫୋର୍ଟ ଉଇଲିଅମ୍ କଲେଜ ଦେଖି ଅଭିଭୂତ ହେଲେ ଓ ଯେତେବେଳେ ଭାବିଲେ ଯେ ତାଙ୍କ ରାଜ୍ୟରେ ଗୋଟିଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନାହିଁ ସେ ଲଜ୍ଜା ଅନୁଭବ କଲେ । ସେ ବାମଣ୍ଡା ଫେରିଆସି ଏକ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ସଂକଳ୍ପ କଲେ । ବିଦ୍ୟାଳୟ ସ୍ଥାପିତ ହେଲା, ମାତ୍ର ଶିକ୍ଷକ ମିଳିଲେ ନାହିଁ । ସେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କୁ ଚିଠି ଲେଖି ଜଣେ ଶିକ୍ଷକଙ୍କୁ ବାମଣ୍ଡା ପଠାଇବା ପାଇଁ ଅନୁରୋଧ କଲେ ।

ବିଦ୍ୟାସାଗର ବିଜୟ ଚନ୍ଦ୍ର ମଜୁମଦାର ନାମକ ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଙ୍କୁ ଶିକ୍ଷକ ଭାବରେ ବାମଣ୍ଡା ପଠାଇଲେ । ତାଙ୍କ ପାଇଁ ରାଜପ୍ରାସାଦ ନିକଟରେ ଏକ କୋଠା ଦିଆଗଲା । ବିଦ୍ୟାଳୟରେ ପାଠପଢ଼ା ଚାଲିଲା । ଦିନେ ରାଜା ଗ୍ରୀଷ୍ମ ସନ୍ଧ୍ୟାରେ ବିଜୟବାବୁଙ୍କୁ କଥା ପ୍ରସଙ୍ଗରେ ପଚାରିଲେ, 'ମହାଶୟ ରାଜଧାନୀ ବାମଣ୍ଡାରେ ଆପଣଙ୍କ ଅସୁବିଧା ହେଉନାହିଁ ତ ?' ବିଜୟ ବାବୁ ଉତ୍ତର ଦେଲେ, 'ଆପଣଙ୍କ ଆଶ୍ରୟରେ ମୁଁ ଖୁସିରେ ଅଛି । ମାତ୍ର କୋଠାରେ ଥିବା କୂଅରେ ପାଣି ନଥିବାରୁ କିଛି ପରିମାଣରେ ଜଳକଷ୍ଟ ଅନୁଭବ କରୁଛି ।' ରାଜା ବିବ୍ରତ ହେଲେ । ପରଦିନ ସକାଳେ ଦ୍ୱାରରେ କରାଘାତ ଶୁଣି ବିଜୟବାବୁ ଦ୍ୱାରଖୋଲି ଯାହା ଦେଖିଲେ ସେଥିରେ ସେ ସ୍ତମ୍ଭୀଭୂତ ହୋଇଗଲେ । ଜଳପୂର୍ଣ୍ଣ ମାଠିଆ । ସହ ପାଞ୍ଚଜଣ ଭାରୁଆଙ୍କ ସହ ଛିଡ଼ା ହୋଇଥାନ୍ତି ସ୍ୱୟଂ ରାଜା ସୁଢ଼ଳ ଦେବ । ବିଜୟ ବାବୁ ରାଜାଙ୍କ ସମ୍ମୁଖରେ ବିନମ୍ର ଭାବରେ କହିଲେ, "ମହାରାଜ, ଆପଣ ଆଦେଶ ଦେବା ମାତ୍ରେ ପାଞ୍ଚଜଣ ଭାରୁଆ କାହିଁକି, ଦଶ କୋଡ଼ିଏ ଜଣ ଭାରୁଆ ଆସି ଯୋଗାଇ ଦେଇଯିବେ । କିନ୍ତୁ ମୋର ଜଳକଷ୍ଟ ପାଇଁ ବିବ୍ରତ ହୋଇ ପ୍ରାତଃକାଳରେ ଭାରୁଆମାନଙ୍କ ସହ ଆପଣ ସ୍ୱୟଂ ଆସି ମୋର ଜଳକଷ୍ଟ ନିବାରଣ ପାଇଁ ଯତ୍ନବାନ ହେବା, ମୋତେ କେବଳ ଚକିତ କରୁନାହିଁ, ଆପଣଙ୍କ ଏତାଦୃଶ ଭଲପାଇବାର ଅତ୍ୟାଚାର ସହିବା ପାଇଁ ମୁଁ ସମର୍ଥ କି ନୁହେଁ ଜାଣି ପାରୁ ନାହିଁ ।" ସୁଢ଼ଳଦେବ କହିଲେ, 'ଗୁରୁ ଯଦି ଅଭାବ, ଅସୁବିଧା ଏବଂ ଯାତନାର ଜୀବନ ଅତିବାହିତ କରିବେ, ତେବେ କଣ ସେ ଠିକ୍ ଭାବରେ ଶିକ୍ଷାଦାନ କରିପାରିବେ ? ତେଣୁ ଆପଣଙ୍କ ଜଳକଷ୍ଟ ସହ ରହିବା ମୋତେ ବ୍ୟଥିତ କରିଥିଲା । ମୁଁ ସେହି କଷ୍ଟ ଦୂର କରିବା ମୋର କର୍ତ୍ତବ୍ୟ ବୋଲି ମନେ କରୁଅଛି ।'ଏହିଭଳି ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ରାଜା ସୁଢ଼ଳ ଦେବ । ଆଜି ଶିକ୍ଷକମାନଙ୍କ ଅଭାବ ଅସୁବିଧା ଦୁଃଖ ସୁଖ ବୁଝିବା ପାଇଁ ମନ୍ତ୍ରୀ ଓ ପ୍ରଶାସକ ଶିକ୍ଷକମାନଙ୍କ ଦୁଆରକୁ ଯାଉନାହାନ୍ତି । ନିଜର ପ୍ରାପ୍ୟ ନ ପାଇ ନିଜର ଅଭାବ ଅସୁବିଧା ଦୂର କରିବା ପାଇଁ ସେମାନଙ୍କୁ ଶାସକମାନଙ୍କ ପାଖକୁ ବାରମ୍ବାର ଦୌଡ଼ିବାକୁ ପଡୁଛି ଓ ମାସ ମାସ ଧରି ରାଜରାସ୍ତାରେ କେତେବେଳେ ଅନଶନ କରିବାକୁ ପଡୁଛି ତ ଆଉ କେତେବେଳେ ଆନ୍ଦୋଳନ କରିବାକୁ ପଡୁଛି । ଅବଶ୍ୟ ଏବେ ଅତୀତର ସେହି ଗୁରୁ ନାହାନ୍ତି କି ଗୁରୁତୁଲ୍ୟ ଶିକ୍ଷକ ନାହାନ୍ତି । ଅଧିକାଂଶ ଶିକ୍ଷକମାନଙ୍କ ପାଖରେ କର୍ତ୍ତବ୍ୟନିଷ୍ଠା, ମୂଲ୍ୟବୋଧ, ଚରିତ୍ରବତ୍ତା ଭଳି ଗୁଣ ପରିଲକ୍ଷିତ ହେଉନାହିଁ । ଏଣୁ ସେମାନେ 'ଗୁରୁତୁଲ୍ୟ ଶିକ୍ଷକ' ହୋଇପାରୁ ନାହାନ୍ତି । ଅପରପକ୍ଷରେ ପ୍ରଶାସନ ଓ ସମାଜ ମଧ ଗୁରୁପରାୟଣ ହେଉନାହିଁ । ରାଜା ସୁଢଳ ଦେବଙ୍କ ଶିକ୍ଷକଙ୍କ ପ୍ରତି ଥିବା ସମ୍ମାନ ଆଜିର ଶାସକମାନଙ୍କ ପାଖରେ କଳ୍ପନା କରିହେଉ ନାହିଁ । ସମସ୍ତେ ଯୁଗ ଯନ୍ତ୍ରଣା କବଳିତ । ସର୍ବତ୍ର ପରିଲକ୍ଷିତ ହେଉଛି ଅବକ୍ଷୟର ଚିତ୍ର ।

ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୨୩, ୪ - ୧୦ ଜୁନ୍ ୨୦୨୩

# ନବୀନଙ୍କ ପଞ୍ଚମ ପାଳିର ୪ ବର୍ଷ ପୂର୍ତ୍ତି


ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାରଙ୍କ ପଞ୍ଚମ ପାଳିର ଚତୁର୍ଥ ବର୍ଷ ପୂର୍ତ୍ତି ହୋଇଛି । ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ଥିବା ଦଳ ବିଜେଡିକୁ କ୍ରମାଗତ ମିଳୁଛି ନିର୍ବାଚନ ସଫଳତା । ୨୦୦୦ରେ ହାତ ଧରାଧରି ହୋଇ ବିଜେପି-ବିଜେଡି ମେଣ୍ଟର ନେତୃତ୍ୱ ନେଇଥିବା ରାଜନୀତିରେ ସମ୍ପୂର୍ଣ୍ଣ ନବାଗତ ନବୀନ ଏବେ ଜଣେ ଧୂରୀଣ, ବିଚକ୍ଷଣ ରାଜନେତା । ବିରୋଧୀ ଏବେ ବି ତାଙ୍କ କ୍ଷମତାଚ୍ୟୁତ କରିବାକୁ ସକ୍ଷମ ହୋଇନାହାନ୍ତି । ସେମାନଙ୍କ ଭିତରେ ଦମ୍ଭ, ଏକତା, ପ୍ରତିବଦ୍ଧତାକୁ ନବୀନ ମାପି ଗୋଟି ଚଳାଉଛନ୍ତି ।

୨୪ବର୍ଷର ଶାସନ ଏବଂ ନିରଙ୍କୁଶ କ୍ଷମତାର ଅଧିକାରୀ ନବୀନଙ୍କୁ କ୍ଷମତାଚ୍ୟୁତ କରିବା ଏବେ ବିରୋଧୀଙ୍କ ପାଇଁ କାଠିକର ପାଠ । ଓଡ଼ିଶାରେ ସର୍ବାଙ୍ଗୀନ ଶାସନ କ୍ଷମତାରେ ଥିବା କଂଗ୍ରେସ ୨୦୦୦ ପରଠୁ ଧରାଶାୟୀ ହେବା ପରେ ଆଉ ଉଠିପାରୁନାହିଁ । ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ହାତକୁ ହାତ କାନ୍ଧକୁ କାନ୍ଧ ମିଳାଇ, ମିତ୍ରତା ସ୍ଥାପନ ସହ ମେଣ୍ଟ ସହଯୋଗୀ ଥିବା ବିଜେପି ୨୦୦୯ ପରଠୁ ଏହାର ନବୀନ ବିରୋଧୀ ରଣନୀତିକୁ ସେତେ ଶାଣିତ କରିବାରେ ସଫଳ ହୋଇପାରିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତାରେ ଜାତୀୟସ୍ତରରେ ବିଜେପି ହାୱା ଜୁଟାଇ ଅଧିକାଂଶ ରାଜ୍ୟରେ କ୍ଷମତାକୁ ଆସିବାରେ ସଫଳ ହୋଇଥିଲେ ହେଁ ଓଡ଼ିଶା ରାଜ୍ୟ ବିଜେପି ସେ ସୁଯୋଗକୁ ସଫଳତାରେ ରୂପାନ୍ତରିତ କରିବାରେ ସଫଳ ହୋଇପାରିନି । ଏବେ ମୋଦୀ ହାୱା କ୍ରମଶଃ ଦୁର୍ବଳ ହେବା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଓଡ଼ିଶାରେ ବିଜେପି କେଉଁ ଢଙ୍ଗରେ ଆଗକୁ ବଢ଼ିବ ସେ ନେଇ ବି ସଂଶୟ ରହିଛି । ୨୦୦୦ ଏବଂ ୨୦୦୪ରେ ବିଜେଡି-ବିଜେପି ସହ ମେଣ୍ଟ କରି କ୍ଷମତାରେ ଥିଲେ ହେଁ ଏହି ସମୟରେ ନବୀନ ଏବଂ ତାଙ୍କ ଟିମ୍ ବିଜେଡିକୁ ତୃଣମୂଳସ୍ତରରୁ ଯେପରି ମଜଭୁତ୍ କରିବାରେ ସକ୍ଷମ ହେଲା, ସେ କ୍ଷେତ୍ରରେ ସହଯୋଗୀ ବିଜେପି କିନ୍ତୁ ପଛେଇଗଲା । ଦୀର୍ଘ ୯ବର୍ଷ କ୍ଷମତାରେ ଥିବା ବିଜେପି ଦଳ ଅପେକ୍ଷା ସରକାର, ମନ୍ତ୍ରୀମଣ୍ଡଳ, କ୍ଷମତା ଏବଂ ପ୍ରଭାବ ବିସ୍ତାରରେ ଅଧିକ ମନୋନିବେଶ କଲା, ସେ ସମୟରେ ଦଳ ଏହାର ତୃଣମୂଳ ସଫଳତାକୁ ଶକ୍ତିଶାଳୀ କରିବାର ବହୁ ସୁଯୋଗ ଥିଲେ ହେଁ ହାତଛଡ଼ା କରିଦେଲା । ପରିସ୍ଥିତି ଏପରି ହେଲା ଯେ ୨୦୦୯ର ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟାକାଣ୍ଡ ଘଟଣା ପରେ ବିଜେପିକୁ ସାମ୍ପ୍ରଦାୟିକତାବାଦରେ ବିଶ୍ୱାସୀ ଦଳର ଆକ୍ଷେପ ଲଗାଇ ବିଜେଡି ଏହାର ହାତ ଛାଡ଼ିଦେଲା । ନିଜ ସ୍ଥିତି ସଜାଡ଼ିନଥିବା ବିଜେପି ସେ ବର୍ଷ ନିର୍ବାଚନରେ ୨ଅଙ୍କରୁ ୧ ଅଙ୍କକୁ ଖସିବା ସହିତ ଧରାଶାୟୀ ହୋଇପଡ଼ିଲା । ନବୀନଙ୍କ ସହ ମିତ୍ରତା ଶତ୍ରୁତାରେ ପରିଣତ ହେଲା । କିନ୍ତୁ ବିଜେପିର ହାତ ଛାଡ଼ି ବିଜେଡି ସଂଖ୍ୟା ଗରିଷ୍ଠ ଆସନରେ ବିଜୟ ଲାଭ କଲା ଏବଂ ନବୀନଙ୍କ ନେତୃତ୍ୱ ଏକାକୀ ସରକାର ଗଠନ ସକାଶେ ଯେ ଦକ୍ଷ ଓ ସମ୍ପନ୍ନ ତାହା ସେ ପ୍ରମାଣ କରାଇଦେଲେ ।

କ୍ଷମତାକୁ ଆସିବାଠୁ ଏପର୍ଯ୍ୟନ୍ତ ନବୀନଙ୍କ ପଛରେ ଯେ ବିପଦ ନଥିଲା ତାହା କୁହାଯିବା ଠିକ୍ ହେବନି । କିନ୍ତୁ ସେସବୁକୁ ସେ ନିଜର ପରାମର୍ଶଦାତା ଏକଦା ବିଜେଡ଼ି ପାଇଁ ଚାଣକ୍ୟ ଭାବେ କାମ କରୁଥିବା ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ପ୍ରତିହତ କରିବାରେ ସକ୍ଷମ ହୋଇଥିଲେ । ନବୀନଙ୍କ ପାଇଁ ପ୍ରଥମ ଏବଂ ସବୁଠୁ ବଡ଼ ବିପଦ ଥିଲେ ବିଜୟ ମହାପାତ୍ର । ଏକଦା ବିଜୁବାବୁଙ୍କ ମନ୍ତ୍ରିମଣ୍ଡଳରେ ସବୁଠୁ ପ୍ରଭାବଶାଳୀ ମନ୍ତ୍ରୀ ଥିବା ବିଜୟ ନବୀନ ଏବଂ ବିଜେଡିକୁ କ୍ଷମତାର ନିକଟତର କରାଇବାରେ ସମର୍ଥ ହୋଇଥିଲେ ହେଁ ସେ ସର୍ବ ଶକ୍ତିମାନ ହୋଇଯିବାର ଅଜଣା ଆତଙ୍କ ନବୀନଙ୍କ ପରାମର୍ଶଦାତାଙ୍କୁ ଅଣନିଃଶ୍ୱାସୀ କରିଦେଇଥିଲା । ଫଳରେ ବିଜୟଙ୍କୁ ୨୦୦୦ରେ ଟିକଟରୁ ବଞ୍ଚିତ କରି ଲଢ଼ିବାର ସୁଯୋଗ ଦିଆଯାଇ ନଥିଲା । କିନ୍ତୁ ସେତେବେଳେ ବିଜୟ ନବୀନଙ୍କ ପାଇଁ ଏକ ମସ୍ତବଡ଼ ଆହ୍ୱାନ ହେବେ ବୋଲି ଯେଉଁ ଚର୍ଚ୍ଚା ଚାଲିଥିଲା ତାହା ସେତେ ଫଳବତୀ ହୋଇପାରିଲା ନାହିଁ । କାରଣ ବିଜୟ ଯେଉଁମାନଙ୍କୁ ନେଇ ବିକଳ୍ପ ତିଆରି କରିବେ ବୋଲି ନକ୍ସା ଆଙ୍କିଥିଲେ ସେମାନେ ସେତେଟା ପ୍ରଭାବୀ ହୋଇପାରିଲେ ନାହିଁ । ୨୦୦୦ଠୁ ଆଜି ପର୍ଯ୍ୟନ୍ତ କ୍ଷମତାରେ ରହିବା ଭିତରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହଟାଇବା ଦିଗରେ ନେଇଥିବା ପଦକ୍ଷେପ ଲୋକଚକ୍ଷୁରେ ନବୀନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସହିତ ବିଜେଡିକୁ ସଶକ୍ତ କରିବାରେ ସଫଳ ହୋଇଛି । ନବୀନଙ୍କ କୁର୍ତ୍ତା ଆଜି ପର୍ଯ୍ୟନ୍ତ ସଫେଦ ରହିବା ପଛରେ ରହିଛି ସବୁଠୁ ବଡ଼ ପଦକ୍ଷେପ- ଦୁର୍ନୀତିଗ୍ରସ୍ତ ଏବଂ ପ୍ରଭାବଶାଳୀଙ୍କ ପକ୍ଷଚ୍ଛେଦନ । ଆଉ ନବୀନ ଆରମ୍ଭରୁ ଏପର୍ଯ୍ୟନ୍ତ ଯେଉଁମାନଙ୍କ ପକ୍ଷ ଛେଦନ କରିଛନ୍ତି ରାଜନୀତିରେ ଉପରକୁ ଉଠିବା ତ ଦୂରର କଥା, ଅଧିକାଂଶ ରାଜନୈତିକ ସନ୍ନ୍ୟାସ ନେଇସାରିଛନ୍ତି ବା ଅଦରକାରୀ ହୋଇପଡ଼ିଛନ୍ତି । ନବୀନ ତାଙ୍କ ଶାସନକାଳରେ ଅଧିକ ପ୍ରଭାବଶାଳୀ ବିଜୟଙ୍କଠାରୁ ଆରମ୍ଭ କରି ବିଶେଷ ଲୋକପ୍ରିୟ ନଳିନୀ ମହାନ୍ତି, ଦାମୋଦର ରାଉତଙ୍କ ପର୍ଯ୍ୟନ୍ତ କାହାରିକୁ ଛାଡ଼ିନାହାନ୍ତି । ଏସବୁ ଭିତରେ ରାମକୃଷ୍ଣ, ପଞ୍ଚାନନ, ପ୍ରଫୁଲ୍ଲ, ପ୍ୟାରୀମୋହନ, କମଳା, ବ୍ରଜକିଶୋର ଓ ପ୍ରଦୀପଙ୍କ ଭଳି ଏକାଧିକ ନେତା ଅଛନ୍ତି । ଯେଉଁମାନଙ୍କୁ ପଛଦ୍ୱାର ଦେଇ ବିଦା କରିଦିଆଯାଇଛି । କେତେକ ଏବେ ଦଳରେ ଥାଇ ବି ଅପାଂକ୍ତେୟ ।

ନବୀନଙ୍କ ସଫଳତାର ଆଉ ଏକ ବିଶେଷ ଦିଗ ହେଲା ସେ ଦଳର ନେତାଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସହାୟକ ବା ପ୍ରଶାସନିକ ଅଧିକାରୀଙ୍କୁ ବିଶ୍ୱାସକୁ ନିଅନ୍ତି । ଉଭୟଙ୍କ ଜରିଆରେ ଶାସନକୁ ଲୋକପ୍ରିୟ କରାଇବାରେ ନୀଳ ନକ୍ସା ଆଙ୍କି ଏହାର ରୂପାନ୍ତର ପ୍ରକ୍ରିୟା ଜାରି ରଖୁଛନ୍ତି । ଉଭୟ ଦେବାଳୟ ଓ ବିଦ୍ୟାଳୟକୁ ନୂଆ ରୂପ ଦେବା, ବିପର୍ଯ୍ୟୟ ପରିଚାଳନାରେ ପ୍ରଶଂସା ସାଉଁଟିବା, ମେକ୍ଇନ୍ ଓଡ଼ିଶା ଜରିଆରେ ଶିଳ୍ପ ବିକାଶ ତ୍ୱରାନ୍ୱିତ କରିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲୋକଙ୍କ ଆସ୍ଥାଭାଜନ ହେବାରେ ସଫଳ ହୋଇଛନ୍ତି । ନବୀନଙ୍କ ସାମ୍ରାଜ୍ୟ ବିସ୍ତାରିତ କରିବାରେ ତାଙ୍କୁ ଟଙ୍କିକିଆ ଚାଉଳଠାରୁ ଆରମ୍ଭ କରି ବୃଦ୍ଧ, ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟଭତ୍ତା, କାଳିଆ/ବଳିଆ ସହାୟତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସବୁଶ୍ରେଣୀ ପାଇଁ ଘୋଷିତ ଯୋଜନା ସର୍ବୋପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଏବଂ ଦୁର୍ନୀତିମୁକ୍ତ ଶାସନର ପ୍ରଚାର ଢେର ସାହାଯ୍ୟ କରିଛି । କିନ୍ତୁ ଏ ଯୋଜନାର ଅନେକ ଛିଦ୍ର ଥିଲେ ବି ବିରୋଧୀ ନବୀନଙ୍କ କୁର୍ତ୍ତାରେ ଦାଗ ସୃଷ୍ଟି କରିପାରିନାହାନ୍ତି । କ୍ଷମତାରେ ରହିବାରେ ନବୀନ ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି । ରାଜନୀତିର ଘଟଣାଚକ୍ରରେ କ୍ଷମତା ଦୀର୍ଘସ୍ଥାୟୀ ହେବା କିଛି ବିଚିତ୍ର ନୁହେଁ, କିନ୍ତୁ ଚିରସ୍ଥାୟୀ ନୁହେଁ । ତେବେ ବର୍ତ୍ତମାନର ଓଡ଼ିଶା ରାଜନୀତି ପାଣିପାଗରୁ ଯାହା ଲକ୍ଷ୍ୟ କରାଯାଉଛି ନବୀନ ରାଜନୀତିରେ ସକ୍ରିୟ ଥିବା ପର୍ଯ୍ୟନ୍ତ ସେ ନେତୃତ୍ୱ ନେଉଥିବା ବିଜେଡିକୁ ପଛରେ ପକାଇ ଅନ୍ୟ କୌଣସି ଦଳ କ୍ଷମତାକୁ ଆସିବା ସହଜ ନୁହେଁ; କିନ୍ତୁ ଅସମ୍ଭବ ବି ନୁହେଁ । ହେଲେ ଏ ଅସମ୍ଭବକୁ ସମ୍ଭବ କରିବା ପାଇଁ ବିରୋଧୀଙ୍କ ଭିତରେ ଦମ୍ଭ ନାହିଁ । ଯଦି ଗତ ୨୪ବର୍ଷ ଭିତରୁ ମେଣ୍ଟ ଶାସନ କାଳ ୯ ବର୍ଷକୁ ବାଦ୍ ଦିଆଯାଏ ତେବେ ବାକି ୧୪ବର୍ଷ କେବଳ ବିଜେଡି ଶାସନ କରୁଛି । ୧୪ବର୍ଷ ଭିତରେ ଶାସନ କଳର ମୁଖା ଖୋଲିବା ପାଇଁ ଖଣି ଓ ପାଣିରେ ଦୁର୍ନୀତି, ଅପାରଗତା, ଆଇନଶୃଙ୍ଖଳା, ମାଓ ସମସ୍ୟା ଆଦି ଏକାଧିକ ପ୍ରସଙ୍ଗ ମୁଣ୍ଡ ଟେକିଛି । କିନ୍ତୁ ଏସବୁକୁ ପୁଞ୍ଜି କରି ଶାସକ ଦଳକୁ ଅକଳରେ ପକାଇବା ଭଳି ରଣନୀତି ବିରୋଧୀ ତିଆରି କରିପାରିନାହାନ୍ତି । ସେଥିପାଇଁ ୨୦୧୯ରେ ବିଜେପିର ୧୨୦+ ମିଶନ କେବଳ ପ୍ରଚାରରେ ସୀମିତ ରହିଯାଇଥିବାବେଳେ ଏବେ କଂଗ୍ରେସର ୯ରୁ ୯୦ଡାକରା ପଛରେ ଦମ୍ଭ ଭିତ୍ତିଭୂମି ଲକ୍ଷ୍ୟ କରାଯାଉନାହିଁ । ଉଭୟ ବିରୋଧୀ ନିଜକୁ ସମକକ୍ଷ ବିକଳ୍ପ ଭାବେ ତିଆରି କରିପାରିନାହାନ୍ତି । ସର୍ବମାନ୍ୟ, ସର୍ବଗ୍ରହଣୀୟ ନେତୃତ୍ୱର ଚେହେରା ଏ ପର୍ଯ୍ୟନ୍ତ ବିରୋଧୀ ବାହାରକୁ ଛାଡ଼ିନାହାନ୍ତି । ଭୋଟର ସବୁବେଳେ ପ୍ରଶ୍ନ କରୁଛନ୍ତି ବିଜେଡିର ନେତା ନବୀନ ଥିବାବେଳେ କଂଗ୍ରେସ ଏବଂ ବିଜେପିର ନେତୃତ୍ୱ ନେବା ଚେହେରା କିଏ ? ବିରୋଧୀ ଏକଥାକୁ ଯେତେ ହାଲୁକା ଭାବେ ନେଲେ ବି ଭୋଟର ଖୁବ୍ ସଚେତନ ଏବଂ ସେମାନେ ସବୁ ଦେଖୁଛନ୍ତି । ନବୀନ ଦୀର୍ଘଦିନ ରହିବା ପଛରେ ତାଙ୍କର ଦକ୍ଷତା ଏବଂ ସ୍ୱଚ୍ଛ ଶାସନକୁ ବିଜେଡି ପ୍ରମୁଖ କାରଣ କହିବା କିଛି ଭୁଲ୍ ହେବନାହିଁ । କିନ୍ତୁ ଶାସକ ଦଳ ଓ ନବୀନ ସରକାରକୁ ଦୋହଲାଇ ଦେବା ପାଇଁ ଯେଉଁ ରଣନୀତି ଲୋଡ଼ା, ସେଥପାଇଁ ବିରୋଧୀ କେତେ ପ୍ରସ୍ତୁତ ?

ନବୀନଙ୍କ ପ୍ରଚାରଶୈଳୀ ମଧ ବିରୋଧୀଙ୍କ ତୁଳନାରେ ଢେର ଉନ୍ନତ । ପ୍ରତିଟି ବର୍ଷ ପୂର୍ତ୍ତି ପୂର୍ବରୁ ନବୀନ ସବୁ ବିଭାଗର ସମୀକ୍ଷା କରୁଛନ୍ତି । ସେସବୁର ରିପୋର୍ଟ କାର୍ଡ ଗଣମାଧମରେ ପ୍ରସାରିତ କରାଯାଉଛି । ଏଥିପାଇଁ ମନ୍ତ୍ରୀ, ସଚିବ କାହାରି ଆଖରେ ନିଦ ନାହିଁ । କିନ୍ତୁ ଏ ପ୍ରକାର ପ୍ରଚାରକୁ ପ୍ରତିହତ କରିବା ଲାଗି ବିରୋଧୀ ଶିବିରରେ ସେଭଳି କୌଣସି ପ୍ରସ୍ତୁତି ଲକ୍ଷ୍ୟ କରାଯାଉନାହିଁ । ଏସବୁ ଭିତରେ ନବୀନ ତାଙ୍କ ରାଜନୈତିକ ଜୀବନର ସବୁଠୁ ବଡ଼ ଲଢ଼େଇର ସାମ୍ନା କରିବାକୁ ଯାଉଛନ୍ତି ୨୦୨୪ରେ । ବର୍ଷ ବର୍ଷ ଧରି ୨୪ବର୍ଷ ପ୍ରାୟ ଅଢ଼େଇ ଦଶନ୍ଧି କ୍ଷମତାରୁ ବାହାରେ ଥିବା କଂଗ୍ରେସ ଏବଂ ୧୪ବର୍ଷ ଧରି କ୍ଷମତା ବାହାରେ ଥିବା ବିଜେପି ପାଇଁ ୨୦୨୪ ହେବ ଅଗ୍ନି ପରୀକ୍ଷାର ସମୟ । ଶାସକ-ବିରୋଧୀ ଭିତରେ ହେବ କଡ଼ା ମୁକାବିଲା । ଆଉ ଏ ନିର୍ବାଚନ ଫଳାଫଳ ହିଁ ଜଣାଇଦେବ ପ୍ରକୃତରେ ଓଡ଼ିଶା ରାଜନୀତିରେ କିଏ ଶକ୍ତିଶାଳୀ ନବୀନଙ୍କ ବିଜେଡି ନା ବିରୋଧୀ ।



# ଈଶ୍ୱରଙ୍କ ଠାରେ ନିର୍ଭର

**ମହାତ୍ମା ଗାନ୍ଧୀ**

**ମୋ**ତେ ଘେରି ରହିଥିବା ଅନ୍ଧକାର ମଧରେ ଆଲୋକଆଡ଼କୁ ଆପଣାର ପଥଟିକୁ ଉଣ୍ଡାଳି ଉଣ୍ଡାଳି ମୁଁ ଏହି ପୃଥିବୀରେ ଅଛି ଏବଂ ଗତି କରୁଛି । ମୁଁ ଅନେକ ସମୟରେ ଭୁଲ କରୁଛି, ମୋ'ର ଗଣନା ମଧ ଭୁଲ ହୋଇଯାଉଛି । କେବଳ ଈଶ୍ୱରଙ୍କ ଉପରେ ହିଁ ଭରସା ରଖିଛି । ତାଙ୍କ ଉପରେ ଭରସା ଅଛି ବୋଲି ମୋ'ର ମନୁଷ୍ୟମାନଙ୍କ ଉପରେ ମଧ ଭରସା ରହିଛି । ଯଦି ଆସ୍ଥା ବା ଭରସା ରଖିବାକୁ ମୋ'ଲାଗି କୌଣସି ଭଗବାନ ନ ଥାନ୍ତେ, ତେବେ ମୁଁ ହୁଏତ ଗୋଟାଏ ଟିମନ୍ ହୋଇଥାନ୍ତି, ମନୁଷ୍ୟମାନଙ୍କୁ ଘୃଣା କରୁଥାନ୍ତି ।

ସମଗ୍ର ପୃଥିବୀକୁ ସନ୍ତୁଷ୍ଟ କରିବାପାଇଁ ମୁଁ ଭଗବାନଙ୍କ ପ୍ରତି କଦାପି ବିଶ୍ୱାସଘାତକତା କରିବି ନାହିଁ । ଜୀବନରେ ମୁଁ ଯାହାକିଛି ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିପାରିଛି, ମୋ'ର ବୁଦ୍ଧି ସାମର୍ଥ୍ୟ ଦ୍ୱାରା ନୁହେଁ, ମାତ୍ର ଅନ୍ତର୍ଗତ ବୃତ୍ତି ଦ୍ୱାରା, ଅର୍ଥାତ୍ ଭଗବାନଙ୍କ ଦ୍ୱାରା ଉଦବୁଦ୍ଧ ହୋଇ ହିଁ ତାହା କରିଛି ।

ମୁଁ ହେଉଛି ଜଣେ ବିଶ୍ୱାସରେ ବଞ୍ଚିବା ମନୁଷ୍ୟ, କେବଳ ଭଗବାନଙ୍କ ଉପରେ ହିଁ ମୋର ସକଳ ବିଶ୍ୱାସ ରହିଛି । ଗୋଟିଏ ପାହୁଣ୍ଡ ପକାଇ ପାରିଲେ ହିଁ ତାହାକୁ ମୁଁ ଯଥେଷ୍ଟ ବୋଲି ଭାବିଥାଏ । ଯେତେବେଳେ ସେଥିଲାଗି ସମୟ ଆସି ପହଞ୍ଚିବ, ସେତେବେଳେ ସେ ଅବଶ୍ୟ ପରବର୍ତ୍ତୀ ପାହୁଣ୍ଡଟିକୁ ମୋ' ଲାଗି ସ୍ପଷ୍ଟ କରି ଆଣିବେ ।

ମୋ'ର କୌଣସି ଗୋପନ ପଦ୍ଧତି ନାହିଁ । ସତ୍ୟ ବ୍ୟତୀତ ମୁଁ କୌଣସି ଅନ୍ୟ କୂଟନୀତି ଜାଣିନାହିଁ । ଅହିଂସା ବ୍ୟତୀତ ମୋ'ର ଅନ୍ୟ କୌଣସି ଅସ୍ତ୍ର ନାହିଁ । ମୁଁ ହୁଏତ ଅଜାଣତରେ କେତେ ସମୟ ଲାଗି ଏଣେ ତେଣେ ଚାଲି ଯାଇପାରେ, ମାତ୍ର ସବୁ ସମୟ ଲାଗି କଦାପି ନୁହେଁ ।

ମୋ'ର ଜୀବନଟି ଏକ ଖୋଲା ବହି ହୋଇ ରହିଆସିଛି । ମୋ'ର ନିଜର ଗୋପନ ବୋଲି କିଛିନାହିଁ, ଏବଂ ମୁଁ କୌଣସି ଗୋପନୀୟତାକୁ ଉତ୍ସାହ ମଧ ଦିଏନାହିଁ ।

ମୁଁ ହେଉଛି କେବଳ ଗୋଟିଏ ଅଳ୍ପବଳ ସଂଗ୍ରାମରତ ଆତ୍ମା, ଯିଏକି ସମ୍ପୂର୍ଣ୍ଣ ଭାବରେ ଭଲ ହେବା ନିମନ୍ତେ ଆକାଂକ୍ଷା ରଖିଛି ଭାବନାରେ, କଥାରେ ଏବଂ କାର୍ଯ୍ୟରେ ସମ୍ପୂର୍ଣ୍ଣଭାବରେ ସତ୍ୟନିଷ୍ଠ ଏବଂ ସମ୍ପୂର୍ଣ୍ଣଭାବରେ ଅହିଂସ ହେବାକୁ ଆକାଂକ୍ଷା ରଖୁଛି ମାତ୍ର, ଯେଉଁ ଆଦର୍ଶଟିକୁ ମୁଁ ଯଥାର୍ଥ ବୋଲି ଜାଣିଛି, ସେହି ଆଦର୍ଶରେ ଯାଇ ପହଞ୍ଚିବାରେ ମୁଁ ବାରମ୍ବାର ବିଫଳ ହୋଇଛି । ଏହା ଯେ ଏକ ଅତ୍ୟନ୍ତ କଷ୍ଟସାଧ ଆରୋହଣ, ମୁଁ ତାହା ଜାଣିଛି । ମାତ୍ର ସେହି କଷ୍ଟ ମୋ' ଲାଗି ଏକ ସକାରାତ୍ମକ ସୁଖକର ହୋଇ ରହିଛି । ତଳକୁ ଉଠୁଥିବା ମୋ'ର ପ୍ରତ୍ୟେକଟି ସୋପାନ ମୋତେ ଅଧିକ ବଳର ଅନୁଭୂତି ଆଣିଦେଉଛି ଏବଂ ତା ପରବର୍ତ୍ତୀ ସୋପାନଟି ଲାଗି ମୋତେ ଅଧିକ ଯୋଗ୍ୟ କରିଦେଉଛି ।

ଯେତେବେଳେ ମୁଁ ଗୋଟିଏ ପାଖରେ ମୋ'ର କ୍ଷୁଦ୍ରତା ତଥା ଅପୂର୍ଣ୍ଣତାଗୁଡ଼ିକ ବିଷୟରେ ଭାବୁଥାଏ ଏବଂ ଅନ୍ୟପାଖରେ ମୋତେ ନେଇ ପୋଷଣ କରାଯାଉଥିବା ପ୍ରତ୍ୟାଶାଗୁଡ଼ିକ ବିଷୟରେ ଚିନ୍ତାକରେ, ସେତେବେଳେ ସେହି ମୁହୂର୍ତ୍ତଟି ଲାଗି ମୁଁ ଅତ୍ୟନ୍ତ ସ୍ତମ୍ଭିତ ହୋଇଯାଏ । ମାତ୍ର, ଏହି ପ୍ରତ୍ୟାଶାଗୁଡ଼ିକ ଜେକିଲ ଏବଂ ହାଇଡ୍ର ଏକ ବିଚିତ୍ର ମିଶ୍ରଣ ହୋଇ ରହିଥିବା ମୋ' ଲାଗି ନୁହେଁ, କିନ୍ତୁ ଯେତେ ଅପୂର୍ଣ୍ଣ ଅଥଚ ମୋ' ଭିତରେ ଅପେକ୍ଷାକୃତ ବୃହତ ପରିମାଣରେ ଅବତାର ଗ୍ରହଣ କରିଥିବା ସତ୍ୟ ଓ ଅହିଂସାର ସେହି ଦୁଇ ଅମୂଲ୍ୟ ଗୁଣ ଲାଗି ହିଁ ଉଦ୍ଦିଷ୍ଟ ହୋଇ ରହିଛି ବୋଲି ମୁଁ ଯେମିତି ଉପଲବ୍ଧି କରିପାରେ, ମୁଁ ସଙ୍ଗେ ସଙ୍ଗେ ପ୍ରକୃତିସ୍ଥ ହୋଇଯାଏ । ତେଣୁ, ପାଶ୍ଚାତ୍ୟ ଜଗତର ସହ-ସତ୍ୟାନ୍ୱେଷୀମାନଙ୍କୁ ମୋ'ର ଯଥାଶକ୍ତି ସାହାଯ୍ୟ କରିବାର କ୍ଷେତ୍ରରେ ମୋ' ଦାୟିତ୍ୱଟିକୁ ମୁଁ କଦାପି ଅସ୍ୱୀକାର କରି ପଳାଇ ଯିବିନାହିଁ ।

# ଦେହକୁ ହିତ ପିଜୁଳି



**ପି**ଜୁଳି ପେଟଜନିତ ସମସ୍ତ ଭରସାଯୋଗ୍ୟ ସମାଧାନ ପାଇଁ ଏକ ଭରସାଯୋଗ୍ୟ ଫଳ । ଅଧିକାଂଶ ଲୋକଙ୍କ ବାଡି, ବଗିଚାରେ ପିଜୁଳି ଗଛ ଥାଏ, ତେଣୁ ଏହା ସହଜରେ ମିଳିଯାଏ । ଏଥିରେ ଫାଇବର, ଖଣିଜ ଓ ଖାଦ୍ୟସାର ପ୍ରଚୁର ପରିମାଣରେ ରହିଥାଏ । ବିଶେଷକରି ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ପିଜୁଳିର ଫାଇଦା ସମ୍ପର୍କରେ ଆୟୁର୍ବେଦରେ ମଧ ଉଲ୍ଲେଖ ରହିଛି । ଏଥିରେ ଥିବା ପୌଷ୍ଟିକ ତତ୍ତ୍ୱ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ । ପିଜୁଳିରେ ଥିବା ଫାଇବର ମେଟାବୋଲିଜମ୍ ଠିକ୍ ରଖେ । ଯେଉଁମାନେ କୋଷ୍ଠକାଠିନ୍ୟରେ ପୀଡିତ ସେମାନେ ପିଜୁଳି ଖାଇଲେ ଉପକୃତ ହେବେ । ଏଥିରେ ଥିବା ଭିଟାମିନ୍ ଏ ଚକ୍ଷୁର ଆବଶ୍ୟକତା ପୂରଣ କରେ । ପିଜୁଳି ଗଛର ପତ୍ରକୁ କିଛି ସମୟ ଚୋବାଇଲେ ମାଢ଼ି ମଜଭୂତ ହେବା ସହ ମୁହଁ ମଧ ପରିଷ୍କାର ହୁଏ । ଏହା ଓଜନ ବୃଦ୍ଧି କରେ ନାହିଁ । ଏଥିରେ ଥିବା ଭିଟାମିନ୍ ଏ, ବି ଓ ସି ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରେ । କାଶରୁ ଉପଶମ ମିଳେ । ପାଚନ କ୍ରିୟାକୁ ସ୍ୱାଭାବିକ କରେ । ଗର୍ଭବତୀଙ୍କ ପାଇଁ ଅତ୍ୟନ୍ତ ଉପକାରୀ ।

# ସ୍ୱର୍ବେଦ

**ସଦ୍‌ଗୁରୁ ୱିମୁଖୀ ମନମୁଖୀ, ଜୀୱ ପରେ ଭୱଧାର ।**
**ଲଖ ଚୌରାସୀ ଭରମିୟା, ଲାଗ ନ ୟୁଛି ୱିଚାର ॥୨୧॥**

ଭାଷ୍ୟ - ସଦ୍‌ଗୁରୁଙ୍କ ବିରୁଦ୍ଧାଚରଣକାରୀ ଜୀବ ପତିତ ହୋଇ ଭବସାଗରରେ ଭାସିଯାଇ ଚୌରାଶୀ ଲକ୍ଷ ଯୋନିରେ ଭ୍ରମଣ କରିଥାଏ । ସେମାନଙ୍କର ନିବୃତ୍ତି ନିମନ୍ତେ କୌଣସି ଉପାୟ କିମ୍ବା ବିଚାର ନାହିଁ ।

**ସଦ୍‌ଗୁରୁ କୀ ନିନ୍ଦା କରେ, ଶ୍ରୱଣ ସୁନେ ଅପୱାଦ ।**
**ନିନ୍ଦକ ଭୱ ୟୋନୀ ରହୈ, ଜବତକ କାଲ ୱିୱାଦ ॥୨୨॥**


ଭାଷ୍ୟ - ସଦ୍‌ଗୁରୁଙ୍କର ନିନ୍ଦୁକ ଏବଂ ତାଙ୍କର ନିନ୍ଦାର ଶ୍ରୋତା - ଏ ଦୁହେଁ ସେତେବେଳ ପର୍ଯ୍ୟନ୍ତ ମନୁଷ୍ୟେତର ନିର୍ଯ୍ୟକ୍ ଯୋନି ପ୍ରାପ୍ତ ହୋଇଥାନ୍ତି, ଯେତେବେଳ ପର୍ଯ୍ୟନ୍ତ କାଳଚକ୍ରର ସୃଷ୍ଟି ପ୍ରବାହ ଚାଲିଥାଏ ।

**ଉତ୍ତର ପର ଉତ୍ତର କରେ, ଗୁରୁ ଆଜ୍ଞା କର ଭଙ୍ଗ ।**
**ଗୁରୁ ସେ କର ଅଭିମାନ ୱେ, ଭାୱ କାଲ କା ରଙ୍ଗ ॥୨୩॥**

ଭାଷ୍ୟ - ଉତ୍ତର ପ୍ରତ୍ୟୁତ୍ତର କରୁଥିବା ଏବଂ ଅବଜ୍ଞା କରୁଥିବା ଅଭିମାନୀ ଶିଷ୍ୟ କାଳସ୍ୱରୂପ ଅଟନ୍ତି । ତାହାର ଅଧୋପତନ ଘଟେ ଏବଂ ଜୀବନ ଦୁଃଖମୟ ହୋଇଯାଏ । ମନ ଓ ଆତ୍ମାକୁ କଦାପି ଶାନ୍ତି ପ୍ରାପ୍ତ ହୁଏନାହିଁ । ସଦ୍‌ଗୁରୁଙ୍କର ଆଜ୍ଞା, ନିୟମ ଏବଂ ଧର୍ମର ମର୍ଯ୍ୟାଦାରେ ରହି ଜୀବନ ସୁଧାର କରି ନିଜର ବିକାଶର ପ୍ରଯତ୍ନ କରିବା ଉଚିତ ।

**ଅଚଲ ହିମାଲୟ ସମ ରହେ, ୱିଘ୍ନ ଆୟ ଅରୁ ଜାୟ ।**
**ଉଦ୍‌ୱିଗ୍ନ ନହିଁ ଦୃଢ଼ ରହେ, ଧୀର ସ୍ୱଭାୱ କହାୟ ॥୨୪॥**

ଭାଷ୍ୟ - ସଂକଟ ଅଥବା ବିପତ୍ତିରେ ହିମାଳୟ ସଦୃଶ ସ୍ଥିର ହୋଇ ଦୃଢ଼ ରହନ୍ତୁ । ଯେତେ ବିଘ୍ନ ଆସୁ ପଛକେ ଉଦ୍‌ବିଗ୍ନ ହୁଅନ୍ତୁ ନାହିଁ । ଧୈର୍ଯ୍ୟବାନ ପୁରୁଷଙ୍କର ସ୍ୱଭାବ ଏଭଳି ବୋଲି ଏହି ଦୋହାରେ କୁହାଯାଇଛି ।




**ଆପତ୍ତି ମେଁ ଧୀରଜ ଧରେ, ୟହ ଅମୂଲ୍ୟ ଗୁଣ ଜାନ ।**
**ଶୀଲ ଶାନ୍ତି ସେ କାମ ଲେ, ୟହ ଗୁରୁ ନୀତି ମହାନ୍ ॥୨୫॥**

ଭାଷ୍ୟ - ବିପତ୍ତି ବେଳେ ଧୈର୍ଯ୍ୟଶୀଳ ଗୁଣକୁ ଧାରଣ କରିବା ଉତ୍ତମ ଅଟେ । ଧୀରସ୍ଥିର ଏବଂ ଶାନ୍ତିରେ ରହି, ନିଜ ମର୍ଯ୍ୟାଦାର ରକ୍ଷାକରି ଲକ୍ଷ୍ୟକୁ ପ୍ରାପ୍ତ କରିବା ଉଚିତ । ଏହା ସଦ୍‌ଗୁରୁଙ୍କର କଲ୍ୟାଣପ୍ରଦ, ଉତ୍ତମ ଉପଦେଶ ଅଟେ ।

**ଆସନ ତୀନ ପ୍ରକାର କା, ତନ ମନ ଆତମ ଜାନ ।**
**ୱେତ୍ତା ତୀନୋଁ ଭେଦ କା, ସୋ ରହସ୍ୟ ଗମ ଜ୍ଞାନ ॥୨୬॥**

ଭାଷ୍ୟ - ଶରୀର, ମନ ଓ ଆତ୍ମା - ଏ ତିନୋଟିର ତିନି ପ୍ରକାର ଆସନ ହୋଇଥାଏ । ଏହି ତିନୋଟିର ରହସ୍ୟ ଭେଦ ଗମନର ଜ୍ଞାତା ପୂର୍ଣ୍ଣ ବେତ୍ତା ହୋଇଥାନ୍ତି । ଏ ତିନିଙ୍କର ରହସ୍ୟ ଭେଦ ଗମନ ଭିନ୍ନ ଭିନ୍ନ ହୋଇଥାନ୍ତି ।

**ଅଷ୍ଟ ଚକ୍ର ଇସ ଦେହ ମେଁ, ଜାସେ ତନ ସଂଚାଲ ।**
**ଚକ୍ର ବୋଧ ୟୋଗୀ କରେଁ, ଜାନେ ଅନ୍ତର ହାଲ ॥୨୭॥**

ଭାଷ୍ୟ - ଏହି ଶରୀର ଭିତରେ ଅଷ୍ଟ ଚକ୍ର ରହିଛନ୍ତି, ଯାହାଙ୍କ ଦ୍ୱାରା ଏ ଶରୀରର ସଂଚାଳନ ହୋଇଥାଏ । ଏହି ଚକ୍ରଗୁଡ଼ିକର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ଆଉ ସେମାନେ ଏହି ଅନ୍ତର ସ୍ଥିତି ବିଷୟରେ ଜାଣିଥାନ୍ତି ।

**ଆଜ୍ଞା ସ୍ୱାଧିଷ୍ଠାନ ହୈ, ମଣିପୂରକ କୋ ଜାନ ।**
**ମୂଲାଧାର ୱିଶୁଦ୍ଧ ହୈ, ଚକର ଅନାହତ ମାନ ॥୨୮॥**

ଭାଷ୍ୟ - ମୂଳାଧାର, ସ୍ୱାଧିଷ୍ଠାନ, ମଣିପୂରକ, ଅନାହତ, ବିଶୁଦ୍ଧ ଆଉ ଆଜ୍ଞା - ଏସବୁ ଅଷ୍ଟ ଚକ୍ର ଅଟନ୍ତି । ଚକ୍ରମାନଙ୍କ ବିଷୟରେ ପରବର୍ତ୍ତୀ ଦୋହାରେ ବର୍ଣ୍ଣନା କରାଯାଇଛି । ଏସବୁକୁ ମିଶେଇ ଆଠଟି ଚକ୍ର ଅଛନ୍ତି, ଯାହାର ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ ।

**ଚକ୍ର ବ୍ରହ୍ମ ରନ୍ଧ୍ରାଖ୍ୟ ହୈ, ସହସରାର ତତ୍ତ୍ୱ ଜ୍ଞାନ ।**
**ଗୂଢ଼ ତତ୍ତ୍ୱ ଗମ ୟୋଗ ହୈ, ଚକ୍ର ଭେଦ ୱିଜ୍ଞାନ ॥୨୯॥**

ଭାଷ୍ୟ - ଉପରୋକ୍ତ ଦୋହାରେ ଛଅଗୋଟି ଚକ୍ର ସମ୍ପର୍କରେ ଉଲ୍ଲେଖ କରାଯାଇଛି ଏବଂ ଏହି ଦୋହାରେ ବ୍ରହ୍ମରନ୍ଧ୍ରାଖ୍ୟ ଆଉ ସହସ୍ରାର ବର୍ଣ୍ଣନା କରାଯାଇଛି । ଏହି ଚକ୍ରଗୁଡ଼ିକର ଗୂଢ଼ଭେଦ ଜ୍ଞାନ ଯୋଗ ଦ୍ୱାରା ପ୍ରତ୍ୟକ୍ଷ କରାଯାଇଛି ।

**ଦେୱ ୱାସ ନହିଁ ଚକ୍ର ପର, ମୋହ କଳ୍ପନା ଜାନ ।**
**ସାଚା ସୃଷ୍ଟି ୱିରାଟ ହୈଁ, ତୀନ ଲୋକ ମୟ ଜ୍ଞାନ ॥୩୦॥**

ଭାଷ୍ୟ - ଚକ୍ରମାନଙ୍କରେ ଦେବତାମାନେ ବାସ କରନ୍ତି ବୋଲି ମାନ୍ୟତା ଦେବା ଅଜ୍ଞାନଯୁକ୍ତ କଳ୍ପନା ଅଟେ । ତ୍ରିଲୋକ ସୃଷ୍ଟିର ଏକ ବିଶାଳ ଆକୃତି ଅଟେ, ଯାହାଠାରୁ ସମସ୍ତ ଜଗତର ସୃଷ୍ଟି । ବ୍ରହ୍ମ, ଜୀବ, ପ୍ରକୃତି-ମିଶ୍ରିତ ଏହି ବିଶାଳ ସୃଷ୍ଟିର ମୂଳାରମ୍ଭ ତେଜୋମୟ ଅଣ୍ଡାକୃତିକୁ ବିଶାଳ କହନ୍ତି । ଏକଦେଶୀୟ ଦେବ ସମସ୍ତ ଶରୀରର ଚକ୍ରଗୁଡ଼ିକରେ ବାସ କରନ୍ତି, ଏହିପରି କଳ୍ପନା କରିବା ସମ୍ପୂର୍ଣ୍ଣ ଭ୍ରାନ୍ତିଯୁକ୍ତ ଅଟେ ।

**ଦେୱ ଦ୍ୟୋତକ ହୈ ଅର୍ଥ କା, ଦେୱ କରଣ ପରମାନ ।**
**ଅକ୍ଷର ଚିଦ ଅରୁ ସକଲ ଜଡ଼, ଚୌଦହ ଦେୱ ପ୍ରମାନ ॥୩୧॥**

ଭାଷ୍ୟ - ଦେବର ଅର୍ଥ ପ୍ରକାଶ-ଦ୍ୟୋତକ ହୋଇଥାଏ । ଯିଏ ପ୍ରକାଶ କରିଥାନ୍ତି, ତାଙ୍କୁ ଦେବ କହନ୍ତି । ଦେବ ଇନ୍ଦ୍ରିୟମାନଙ୍କୁ କହିଥାନ୍ତି । ଯାହା ପ୍ରଦାନ କରିଥାଏ ସେ ଦେବ ଅଟେ । ବ୍ରହ୍ମ ଚେତନ ଦେବ ଅଟନ୍ତି, ଯିଏ ସମସ୍ତ ଜଗତର ପ୍ରକାଶକ ଏବଂ ସର୍ବ କର୍ମଫଳ ପ୍ରଦାତା ଅଟନ୍ତି । ଦଶ ଇନ୍ଦ୍ରିୟ ଓ ଚାରି ଅନ୍ତଃକରଣ - ଏହି ଚତୁର୍ଦ୍ଦଶ ଦେବ ଜଡ଼ ଅଟନ୍ତି ।

**ଈଶ୍ୱର ଗୁରୁ ଭୟ ମାନତେ, ଅଭୟ ହୋୟ ସଂସାର ।**
**ସୋ ନର ଗୁରୁ କା ଲାଲ ହୈ, ସକଲ ଲକ୍ଷ୍ୟ କର ପାର ॥୩୨॥**

ଭାଷ୍ୟ - ଈଶ୍ୱର ଏବଂ ଗୁରୁଙ୍କୁ ଭୟ କରୁଥିବା ବ୍ୟକ୍ତି ସଂସାରେ ନିର୍ଭୟ ହୋଇ କାଳାତିପାତ କରିଥାନ୍ତି । ସେ ଗୁରୁଙ୍କର ପ୍ରିୟଭାଜନ ହୋଇ ଜୀବନର ସମସ୍ତ ଲକ୍ଷ୍ୟକୁ ପ୍ରାପ୍ତ କରିଥାନ୍ତି ।

**ମାନୱ ଶକ୍ତିକ ବାହରେ, ଜଗତ କାମ କୋଇ ନାହିଁ ।**
**ବାହର ହୈ ସୋ ପୁରୁଷ କା, ସର୍ୱ ଶକ୍ତି ଜେହି ମାହିଁ ॥୩୩॥**

ଭାଷ୍ୟ - ମନୁଷ୍ୟର ଶକ୍ତିର ବାହାରେ ଜଗତର କୌଣସି କାର୍ଯ୍ୟ ନାହିଁ, ଯାହାକୁ ସେ କରିପାରେ ନାହିଁ । ଜୀବତ୍ୱ ଶକ୍ତିର ବାହାରେ କାର୍ଯ୍ୟ ଜଗତର ନିୟନ୍ତାଙ୍କର ଅଟେ, ଯାହା ଭିତରେ ସମସ୍ତ ଶକ୍ତି ସ୍ଥିତ ଅଛନ୍ତି ଏବଂ ଯିଏ ଅନନ୍ତ କ୍ରିୟାର ବଳ ଏବଂ ଶକ୍ତିରେ ସର୍ବଦା ପରିପୂର୍ଣ୍ଣ ଅଟନ୍ତି ।

**ସବ ସାଧନ ନର ଦେହ ହୈ, ଜ୍ଞାନ ମୋକ୍ଷ କର ଦ୍ୱାର ।**
**ଦେୱ ସଦାଫଲ ସଫଲ କର, ଜୀୱନ ଜନ୍ମ ସମ୍ଭାର ॥୩୪॥**

ଭାଷ୍ୟ - ସମସ୍ତ ଲକ୍ଷ୍ୟ ପ୍ରାପ୍ତିର ସାଧନ ତଥା ଜ୍ଞାନ ଆଉ ମୋକ୍ଷ ପ୍ରାପ୍ତିର ମାର୍ଗ ମନୁଷ୍ୟ ଶରୀର ଅଟେ । ସେଥିପାଇଁ ଏହି ଜୀବନକୁ ସମ୍ଭାଳି ଯୋଗବଳର ପୁରୁଷାର୍ଥ ଦ୍ୱାରା ପ୍ରଭୁପ୍ରାପ୍ତି କରି ସଫଳ କରନ୍ତୁ ।

**॥ ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ, ଦ୍ୱିତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

## ଅନ୍ତିମ ପାହାଚ... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

କିନ୍ତୁ ମୃତ୍ୟୁର କିଛି ସମୟ ପରେ ମନୁଷ୍ୟ ଶରୀରରୁ ଏପରି ଦୁର୍ଗନ୍ଧ ନିର୍ଗତ ହୋଇଥାଏ ଯେ କେଇ ଘଣ୍ଟା ପାଇଁ ତାକୁ ରଖିବା ଅସମ୍ଭବ ହୋଇଥାଏ । ଏପରି ମନୁଷ୍ୟ ଶରୀରକୁ ନେଇ ଆମେ ସଦାସର୍ବଦା ଗର୍ବ କରିଥାଉ । କାହିଁକି ଏ ଅହଂ ? କାହିଁକି ଏ ଗର୍ବ ? କାହିଁକି ଏ ମୋହ ? ମନୁଷ୍ୟ ଶରୀର ନେଇ ଗର୍ବ, ଅହଂ ବା ମୋହ କରିବାର କିଛି ଆବଶ୍ୟକତା ନଥିଲେ ମଧ ମାନବ ଜନ୍ମ ଯେ ଅନ୍ତିମ ପାହାଚର ଅର୍ଥାତ୍ ଶୀର୍ଷ ପାହାଚର ପୂର୍ବ ପାହାଚରେ ଅବସ୍ଥିତ, ସେ ନେଇ ତା'ର ଆତ୍ମବଡ଼ିମା ରହିବାର ଯଥାର୍ଥତା ଅଛି । ମନୁଷ୍ୟ ଜନ୍ମ ସମସ୍ତ ଜନ୍ମର ଅନ୍ତିମ ଜନ୍ମ । ସବୁ ଜନ୍ମର ଆରମ୍ଭ ମନୁଷ୍ୟ ଜନ୍ମରୁ ହିଁ ହୁଏ । ମନୁଷ୍ୟ ଯେଉଁ ପାପକର୍ମ କରିଥାଏ ତାହା ଅନ୍ୟ ଚୌରାଅଶି ଲକ୍ଷ ଯୋନିରେ ଭୋଗିଲେ ମଧ ତାହା ସରିନଥାଏ । କାରଣ ଅନ୍ୟ ଯୋନିରେ ଜୀବ ଯେଉଁ କର୍ମ କରିଥାଏ, ସେଥିରେ ସେ ବନ୍ଧନରେ ପଡ଼ିନଥାଏ । ଏପରିକି ପୁଣ୍ୟ କରି ସ୍ୱର୍ଗରେ ଦେବତା ହେଲେ ମଧ ତା'ର କର୍ମଫଳ ସରିନଥାଏ, ଯେହେତୁ କେବଳ ପୁରୁଷାର୍ଥ ଅର୍ଥାତ୍ କର୍ମ କରିବାର ଅଧିକାର ଓ ତା'ର ଫଳ ଭୋଗିବା ମାନବ ଜନ୍ମରେ ହିଁ ନ୍ୟସ୍ତ ଥାଏ । ତେଣୁ ମନୁଷ୍ୟ ଜନ୍ମର ପାପ ଅନ୍ୟ ଜନ୍ମଗୁଡ଼ିକରେ ସରିନଥିବାରୁ ମନୁଷ୍ୟ ଜନ୍ମ ସବୁ ଜନ୍ମର ଆଦି ଜନ୍ମ । ମନୁଷ୍ୟ ଜନ୍ମରେ ଯେଉଁ ପାପକାର୍ଯ୍ୟ ହେଉଥାଏ ସେଥିପାଇଁ ତାକୁ ଅନ୍ୟ ଯୋନିରେ ଜନ୍ମନେବାକୁ ପଡ଼ିଥାଏ ଓ ତାହାର ଭଗବତ୍ ସମ୍ବନ୍ଧୀୟ ଜ୍ଞାନ ନଥାଏ କିମ୍ବା ତାର ପୁରୁଷାର୍ଥ ନରହିବାରୁ ସେ କେବଳ ଶରୀର ନିର୍ବାହ ପାଇଁ କାର୍ଯ୍ୟ କରିଥାଏ । ତେଣୁ ତା'ର ମୁକ୍ତି ନଥାଏ । କେବଳ ଭଗବାନଙ୍କ କୃପାରୁ ସେ ଗୋଟିଏ ଯୋନିରୁ ଅନ୍ୟ ଯୋନିକୁ ଯାଉଥାଏ । ଏପରି ଅନେକ କାଳ ଅର୍ଥାତ୍ ଏକ କଳ୍ପ ପର୍ଯ୍ୟନ୍ତ ସେ ଇତର ଯୋନିରେ ଘୂରି ବୁଲୁଥାଏ । ଯେତେବେଳେ ଭଗବାନ ଭାବନ୍ତି ଯେ ଜୀବଟି ଅନେକ ଯୋନି ଅର୍ଥାତ୍ ତେୟାଅଶି ଲକ୍ଷ ତେୟାନବେ ହଜାର ନଅଶହ ଅନେଶତ ଯୋନି ଭ୍ରମଣ କରି ବହୁତ କଷ୍ଟ ପାଇଲାଣି, ସେ କୃପା କରିଥାନ୍ତି, ଯାହାଫଳରେ ତା'କୁ ମନୁଷ୍ୟ ଜନ୍ମ ମିଳିଥାଏ । ଅର୍ଥାତ୍ ଯେହେତୁ ଏହି ମନୁଷ୍ୟ ଜନ୍ମରେ ହିଁ ସେ ପୁରୁଷାର୍ଥ ପାଇଥାଏ ଓ ଭଗବାନଙ୍କୁ ଭକ୍ତିକରି ସବୁଦିନ ପାଇଁ ଜନ୍ମ, ମୃତ୍ୟୁ, ଜରା, ବ୍ୟାଧିଚକ୍ରରୁ ମୁକ୍ତି ପାଇଥାଏ, ତାର ଅନ୍ତିମ ଜନ୍ମ ଏହା ହୋଇଥାଏ । ମନୁଷ୍ୟ ଅନ୍ତକାଳରେ ଯେଉଁ ଭାବକୁ ସ୍ମରଣ କରି ଶରୀର ଛାଡ଼େ, ସେ ସେହି ଯୋନିରେ ଜନ୍ମ ନିଏ । ତେଣୁ ଆମେ ଅନ୍ତିମ ପାହାଚରେ ପହଞ୍ଚିଛୁ । ଏଇଠୁ ଆମର କେବଳ ଗୋଟିଏ ପାହାଚ ରହିଲା ଯେ ଆମେ ପୁନର୍ବାର ପଛକୁ ଯାଇ ଚୌରାଶି ଲକ୍ଷ ଯୋନିରେ ଘୂରିବୁଲିବା, ନା ଅନ୍ତିମ ପାହାଚରେ ଚଢ଼ି ଆମେ ଆମର ମୂଳଗୃହକୁ ଯାଇ ସଦା ଆନନ୍ଦରେ ରହିବା ? ସେଥିପାଇଁ ଗୀତାରେ କୁହାଯାଇଛି- ଅନେକ ଜନ୍ମର ଅନ୍ତିମ ଜନ୍ମରେ ମନୁଷ୍ୟ ଜନ୍ମ ପାଇ ଯେଉଁ ଜ୍ଞାନବାନ ମୋର ଶରଣରେ ଆସେ ସେ ମହାତ୍ମା ଅତ୍ୟନ୍ତ ଦୁର୍ଲ୍ଲଭ ।

## ଆଣ୍ଠୁଗଣ୍ଠି ଦରଜରୁ ଉପଶମ ଦେବ ଅଦାରସ

**ଆ**ଣ୍ଠୁଗଣ୍ଠି ଦରଜ ଆଜିକାଲି ଏକ ସାଧାରଣ କଥା ପାଲଟି ଗଲାଣି କହିଲେ ଭୁଲ ହେବ ନାହିଁ । କିନ୍ତୁ ଏହାର ଲକ୍ଷଣ ଜାଣିବା ମାତ୍ରେ ହିଁ ଚିକିତ୍ସା କରାଇ ନେବା ନିହାତି ଦରକାର । ନ ହେଲେ ପରବର୍ତ୍ତୀ ସମୟରେ ତାହା ଜଟିଳ ଆକାର ଧାରଣ କରିଥାଏ ଏବଂ ଏହାର ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ତେବେ ଏଥିରୁ ଉପଶମ ପାଇବାକୁ ହେଲେ ଏକ ଘରୋଇ ଉପଚାରର ସହାୟତା ନେଇପାରନ୍ତି । ତାହା ହେଲା ଅଦା ରସ । ଅଦା ରସରେ ଅଳ୍ପ ଗୁଡ଼ ମିଶାଇ ପିଇଲେ ତାହା ଆଣ୍ଠୁଗଣ୍ଠି ଦରଜରୁ କେତେକାଂଶରେ ଉପଶମ ଦେଇଥାଏ । ଅନ୍ୟପକ୍ଷରେ ଅଦା ରସରେ ଅନେକ ପ୍ରକାରର ଉପକାରୀ ତତ୍ତ୍ୱ ଭରି ରହିଛି । ଏଥିରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଜିଙ୍କ୍ ଏବଂ ମିନେରାଲ ଭରି ରହିଛି ଏଥିରେ ଏଭଳି ଗୁଣ ରହିଛି, ଯାହା ଅଣ୍ଟା ଦରଜକୁ ମଧ ଉପଶମ ଦେଇଥାଏ । ଅନ୍ୟପକ୍ଷରେ ଅଦା ରସ, ମହୁ, ତୁଳସୀ ପତ୍ର ମିଶ୍ରିତ ଚା' ପିଇଲେ ତାହା ଥଣ୍ଡା, ନାକରୁ ପାଣି ବୋହିବା ଏବଂ ମୁଣ୍ଡ ବିନ୍ଧିବା ଆଦି ସମସ୍ୟାରୁ କେତେକାଂଶରେ ଆରାମ ଦିଏ । ଯଦି ଜଣେ ବ୍ୟକ୍ତି ନିୟମିତ ଅଦା ରସ ସେବନ କରନ୍ତି, ତେବେ ତାହା ପାଚନକ୍ରିୟାକୁ ଆହୁରି ଦୃଢ଼ କରିଥାଏ ।



## ଟିକିଏ ହସନ୍ତୁ

ମିସ୍ ପିଲାଙ୍କୁ: ମୁଁ ତୁମକୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ କାଳ ସମ୍ପର୍କରେ ଗୋଟେ ଉଦାହରଣ ଦେଉଛି । ତମେମାନେ ବି ମତେ ଗୋଟେ ଗୋଟେ ଉଦାହରଣ ଦେବ ।
ପିଲା: ହଁ, ମିସ୍ ।
ମିସ୍ : 'ମୁଁ ସୁନ୍ଦର ଥିଲି, ଅଛି ଓ ସୁନ୍ଦର ରହିବି ।' ଏବେ ମଣ୍ଟୁ ତୁ କହ ।
ମଣ୍ଟୁ: ଏଇଟା ଆପଣଙ୍କର ଭୁଲ ଭାବନା ଥିଲା, ଅଛି ଓ ଆଗକୁ ମଧ ରହିବ ।

× × × × × ×

ମାଲିକ ଚାକରକୁ : ଟିକେ ୧୦ ତାରିଖ ପେପରଟା ଆଣିଲୁ ।
ଚାକର: ହଉ ବାବୁ । ଅନେକ ସମୟ ଖୋଜିବା ପରେ ୨ଟା ପେପର୍ ଆଣି ମାଲିକଙ୍କୁ ଦେଲା ।
ମାଲିକ : ଇଏ କ'ଣ ? ମୁଁ ତତେ ୧୦ ତାରିଖ ପେପର୍ ଆଣିବାକୁ କହିଥିଲି । ହେଲେ ତୁ ଅଲଗା ଅଲଗା ତାରିଖର ଦୁଇଟା ପେପର ଆଣିଛୁ ।
ଚାକର : କଥା କ'ଣ କି ମୁଁ ୧୦ ତାରିଖର ପେପର୍ ପାଇଲିନି । ସେଥିପାଇଁ ୪ ତାରିଖ ଓ ୬ ତାରିଖର ପେପର୍ ଆଣିଦେଇଛି । ମିଶେଇକି ପଢି ଦିଅନ୍ତୁ ।

× × × ×



ଗର୍ଲଫ୍ରେଣ୍ଡ ବୟଫ୍ରେଣ୍ଡକୁ ଫୋନ୍ କରି: ଜାନୁ, କ'ଣ କରୁଛ ?
ବୟଫ୍ରେଣ୍ଡ: ଆଇପିଏଲ୍ ଦେଖୁଛି ।
ଗର୍ଲଫ୍ରେଣ୍ଡ : ମୁଁ କିନ୍ତୁ ଦେଖେନା ।
ବୟଫ୍ରେଣ୍ଡ: କାହିଁକି ?
ଗର୍ଲଫ୍ରେଣ୍ଡ: କାହିଁକି ନା, ସେଥିରେ ଇଣ୍ଡିଆ ସବୁବେଳେ ହାରିଥାଏ ।
ବୟଫ୍ରେଣ୍ଡ– ହଉ ଫୋନ୍ ରଖ । ଆଉ 'ଛୋଟା ଭିମ୍' ଯାଇ ଦେଖ୍ । ସେଥିରେ ଛୋଟା ଭିମ୍ ସବୁବେଳେ ଜିତିଥାଏ ।

× × × × ×

ପ୍ରଥମ ବ୍ୟକ୍ତି: ଭାଇ କହିଲ ଖୁସି କ'ଣ ?
ଦ୍ୱିତୀୟ ବ୍ୟକ୍ତି: ମତେ ଜଣା ନାହିଁ । ମୋର ତ କମ ବୟସରୁ ବାହାଘର ହୋଇଯାଇଥିଲା ।

× × × × ×

ସ୍ୱାମୀ: ନବରାତ୍ରି ବ୍ରତ ରଖିଛ ?
ସ୍ତ୍ରୀ: ହଁ ।
ସ୍ୱାମୀ: କିଛି ଖାଇଛ ?
ସ୍ତ୍ରୀ: କଦଳୀ, ସେଓ, ଡାଳିମ୍ବ, ଆଇସକ୍ରିମ, ଆଳୁ ଟିକ୍କି, ସୁଜି କ୍ଷୀରି, ହଲୱା, ଚା' ଆଉ ଏବେ ଜୁସ୍ ପିଉଛି ।
ସ୍ୱାମୀ: ପୂରା ନିର୍ଜଳା ବ୍ରତ । ଆଉ କିଛି ଖାଇବାର ଇଚ୍ଛା ଅଛି ?
ସ୍ତ୍ରୀ: ଜୁସ୍ ପିଇସାରେ ତା'ପରେ କହିବି ।

× × × × × ×

ସ୍ତ୍ରୀ ସ୍ୱାମୀକୁ ଦ୍ୱିପ୍ରହରରେ ଖାଇବାକୁ ଡାକିଲା ।
ସ୍ତ୍ରୀ: ଆସ ଡିନର୍ କରିବ ।
ସ୍ୱାମୀ: ମୁର୍ଖ କେଉଁଠିକାର । ଏଇଟା ଡିନର୍ ନୁହ ଲଞ୍ଚ୍ ।
ସ୍ତ୍ରୀ: ତୁମେ ବୋକା ଏଇଟା ରାତିର ବଳିଯାଇଥିବା ଖାଇବା ।

× × × × ×

ସ୍ତ୍ରୀ: ତୁମେ କାଲି ପଡ଼ୋଶୀଙ୍କ ସହିତ ଫିଲ୍ମ ଦେଖି ଯାଇଥିଲ ?
ସ୍ୱାମୀ: ହଁ କ'ଣ କରିବି ? ତୁମେ ତ ଜାଣିଛ ଆଜିକାଲି ପରିବାର ସହିତ ବସି ଦେଖିବା ଯୋଗ୍ୟ ଫିଲ୍ମ କେଉଁଠି ତିଆରି ହେଉଛି ?

# ଘିଅର ଉପକାରିତା

**କେ**ବଳ ଭାରତୀୟ ବ୍ୟଞ୍ଜନରେ ତାହା ପୁଣି ବିଶେଷ କରି ଉତ୍ତର ଭାରତ ଓ ପଞ୍ଜାବରେ ଘିଅର ବ୍ୟବହାର ବହୁତ ମାତ୍ରାରେ ହୋଇଥାଏ । ଅନେକଙ୍କ ଧାରଣା ଯେ ଘିଅ ଖାଇଲେ ଓଜନ ବଢ଼ିବା ସହ କୋଲେଷ୍ଟରଲ ସ୍ତର ବୃଦ୍ଧି ହୁଏ । ଏ ବାବଦରେ ଖାଦ୍ୟ ବିଶେଷଜ୍ଞଙ୍କ ଯୁକ୍ତି ହେଉଛି ଶୁଦ୍ଧ ଘିଅର ଉପଯୋଗ ବ୍ୟଞ୍ଜନରେ କଲେ ବରଂ ଶରୀରର ଶକ୍ତି ବୃଦ୍ଧି ହୋଇଥାଏ । ଅନେକ ବର୍ଷ ତଳେ ଭାରତର ପ୍ରତ୍ୟେକ ପ୍ରାନ୍ତରେ କେବଳ ଘିଅ ହିଁ ବ୍ୟବହୃତ ହେଉଥିଲା, ତେବେ ଇଂରେଜ ଶାସନ ପରେ ହିଁ ବିଭିନ୍ନ ରକମର ତେଲରେ ଖାଦ୍ୟ ପ୍ରସ୍ତୁତିର ମୂଳଦୁଆ ଭାରତରେ ଆରମ୍ଭ ହୋଇଥିଲା । ଘିଅର ଉପଯୋଗିତା ବିଭିନ୍ନ ବିଜ୍ଞାନ ପତ୍ରିକା ତଥା ୱେବସାଇଟରେ ଉପଲବ୍ଧ ହେବା ପରେ ଏବେ ଅନ୍ତର୍ଜାତୀୟ ବଜାରରେ ମଧ ଘିଅର ଲୋକପ୍ରିୟତା ବଢ଼ିଥିବାର ପ୍ରକାଶ ।

ପ୍ରତ୍ୟହ ଘିଅ ସେବନ କଲେ ତ୍ୱଚାରେ ବିଶେଷ ଚମକ ଆସିବା ସହ ଶୁଷ୍କ ହୋଇ ନ ଥାଏ ।

ଘିଅରେ ଥିବା ଭିଟାମିନ୍ 'ଏ' ଆଖିର ଜ୍ୟୋତିକୁ ବଢ଼ାଇବା ସହ ଗ୍ଲୁକୋମା ରୋଗରୁ ରକ୍ଷା କରେ । ଆଣ୍ଠୁଗଣ୍ଠି ରୋଗୀ କିମ୍ବା ବାର୍ଦ୍ଧକ୍ୟରେ ଆକ୍ରାନ୍ତ ହେବା ପରେ ଶରୀର ପୀଡ଼ା



ହେଲେ, ଘିଅର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ କରିବା ଉଚିତ ।

ଆଣ୍ଟିଅକ୍ସିଡାଣ୍ଟରେ ଭରପୁର ଘିଅ ଖାଦ୍ୟକୁ ଶୀଘ୍ର ହଜମ କରିଥାଏ । ଏଣୁ ଘିଅ ଖାଇଲେ ବଦହଜମ ହେବା ଆଶଙ୍କା ଆଦୌ ନାହିଁ ବୋଲି ବିଶେଷଜ୍ଞଙ୍କ ମତ ।

ନିଜ ସ୍ମୃତିଶକ୍ତିକୁ ବୟସ୍କ ଲୋକେ ଠିକ୍ ରଖିବାକୁ ଚାହୁଁଥିଲେ, ଶୁଦ୍ଧ ଘିଅର ଉପଯୋଗ ଖାଦ୍ୟରେ କରିବା ସବୁଠୁ ଉଚିତ ଉପାୟ ।

ନିୟମିତ ଘିଅ ସେବନ କଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିଥାଏ । ଧ୍ୟାନରେ ରଖିବେ ଯେ ଘିଅର ଉପଯୋଗିତା, ସର୍ବାଧିକ, ତେବେ ଏହା ଶୁଦ୍ଧ ହେବା ନିତାନ୍ତ ଆବଶ୍ୟକ । ମିଶ୍ରିତ ଘିଅ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ ।

## ସ୍ୱାସ୍ଥ୍ୟୋପକାରୀ ଷ୍ଟ୍ରବେରି

**ଷ୍ଟ୍ର**ବେରିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ହାର୍ଟକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ଷ୍ଟ୍ରବେରି ।



ନିୟମିତ ଷ୍ଟ୍ରବେରି ଖାଇଲେ ତାହା ରକ୍ତରେ ସୁଗାର ପରିମାଣକୁ ସନ୍ତୁଳିତ ରଖିଥାଏ । ଷ୍ଟ୍ରବେରିରେ କ୍ୟାନସର ସହ ଲଢ଼ିବାର କ୍ଷମତା ରହିଛି ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ।

ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ବେଶ୍ ସହାୟକ ହୋଇଥାଏ ଷ୍ଟ୍ରବେରି । ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ । ତେଣୁ ସେମାନେ ଏହାକୁ ସେମାନଙ୍କର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି ।

ମସ୍ତିଷ୍କକୁ ସକ୍ରିୟ କରିବାରେ ଏହାର ମଧ ଭୂମିକା ରହିଛି । କୋଲେଷ୍ଟ୍ରରଲ ମଧ କେତେକାଂଶରେ ସନ୍ତୁଳିତ ରଖିଥାଏ ଷ୍ଟ୍ରବେରି । ଏହା ଦୃଷ୍ଟିଶକ୍ତିକୁ ମଧ ବଢ଼ାଇଥାଏ । ମେଦ କମାଇବାରେ ସହାୟକ ହୋଇଥାଏ । ଅସ୍ଥିକୁ ମଜଭୁତ କରିଥାଏ ଷ୍ଟ୍ରବେରି ।

## ଖେଚୁଡିଖାଇ ସୁସ୍ଥ ରୁହନ୍ତୁ

**ଭା**ରତୀୟ ବ୍ୟଞ୍ଜନ ମଧ୍ୟରେ ଖେଚୁଡ଼ିର ସ୍ଥାନ ଖୁବ୍ ସ୍ୱତନ୍ତ୍ର । ଶୁଦ୍ଧ ଓ ଶାକାହାରୀ ଏଇ ଭୋଜନରେ ପୋଷକତତ୍ତ୍ୱ ଭରପୂର ଥିବାବେଳେ ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଏହା ଏକ ଉତ୍ତମ ଖାଦ୍ୟ । ସହଜରେ ହଜମ ହୋଇପାରୁଥିବା ଖେଚୁଡ଼ି ଖାଇଲେ ବାତ, ପିତ୍ତ, କଫ ଦୋଷ ଦୂର ହେଉଥିବାର ଦିଲ୍ଲୀ ଡାକ୍ତରୀ ଦଳ ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ କରିଛନ୍ତି ।



ଗର୍ଭବତୀ ମହିଳାଙ୍କ ଠାରେ ଅମ୍ଳହେବା ଏକ ସାଧାରଣ ସମସ୍ୟା । ଏଇ ଗର୍ଭାବସ୍ଥାରେ ସେମାନେ ପ୍ରତ୍ୟହ ଖେଚୁଡ଼ି ଖାଇବା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଖେଚୁଡ଼ି ଖାଇଲେ ଶରୀର ଓଜନିଆ ମଧ ଲାଗେନାହିଁ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ଲୋକ ପ୍ରତ୍ୟହ ଖେଚୁଡ଼ି ଖାଆନ୍ତୁ । ସମସ୍ତ ପ୍ରକାର ପରିବା ମିଶା ଏଇ ଖେଚୁଡ଼ି ଖାଇଲେ ଶରୀରକୁ ଶକ୍ତି ମଧ ମିଳେ ।

## ଆପଣ ଜାଣନ୍ତି କି ?

- ଶହେ ମିଲିୟନ୍ ବର୍ଷ ତଳେ ଭାରତ ଏକ ଦ୍ୱୀପ ମାତ୍ର ଥିଲା ।
- ଇଣ୍ଡସ୍ ନଦୀ ନାମରୁ ଇଣ୍ଡିଆ ନାମ କରଣ ହୋଇଛି ।
- ଇଣ୍ଡସ୍ ଉପତ୍ୟକାରେ ଗଢ଼ି ଉଠିଥିବା ସଭ୍ୟତା ହେଉଛି ସାରା ବିଶ୍ୱର ସବୁଠାରୁ ପୁରାତନ ସଭ୍ୟତା ।
- ଭାରତ ହେଉଛି ପୃଥିବୀର ସବୁଠାରୁ ପୁରାତନ ପ୍ରଗତିଶୀଳ ସଭ୍ୟତା ।
- ଜାତିସଂଘର ଶାନ୍ତି ସୁରକ୍ଷା ମିଶନ ଆରମ୍ଭରୁ ଭାରତ ସବୁଠାରୁ ବଡ଼ ସଙ୍ଗଠକ ଭାବେ କାର୍ଯ୍ୟ କରି ଆସୁଛି ।
- ବୃହତ୍ତମ ତଥା ସକ୍ରିୟ ସେନା ରଖିବାରେ ଆମେରିକା, ଚୀନକୁ ଛାଡି ଦେଲେ ଭାରତ ହେଉଛି ପୃଥିବୀର ତୃତୀୟ ଦେଶ ।
- ଭାଟିକାନ୍ ସିଟି ଓ ମକ୍କା ପରିଦର୍ଶନ କରିବାକୁ ଯାଉଥିବା ପର୍ଯ୍ୟଟକଙ୍କ ଦୁଇଗୁଣ ପର୍ଯ୍ୟଟକ ବାଲାଜୀ ମନ୍ଦିର ଓ କାଶୀବିଶ୍ୱନାଥ ମନ୍ଦିର ପରିଦର୍ଶନ କରିଥାନ୍ତି ।
- ବାରାଣାସୀ ପୃଥିବୀର ସର୍ବ ପୁରାତନ ସହର ଭାବେ ଏବେ ବି ପ୍ରତିଷ୍ଠା ଲାଭ କରିଛି ।
- ଅନ୍ୟ ଦେଶଗୁଡିକଠାରୁ ଭାରତରେ ଅଧିକ ମସଜିଦ୍ ରହିଛି । ପ୍ରାୟ ୩ ଲକ୍ଷ ।
- ମୁସଲମାନ ବହୁଳ ରାଷ୍ଟ୍ରଭାବେ ଭାରତ ସାରା ବିଶ୍ୱରେ ତୃତୀୟ ସ୍ଥାନ ଅଧିକାର କରିଛି ।
- ତକ୍ଷଶୀଳା ହେଉଛି ପୃଥିବୀର ସର୍ବ ପ୍ରଥମ ତଥା ସର୍ବ ପୁରାତନ ବିଶ୍ୱବିଦ୍ୟାଳୟ । ଏହାକୁ ଖ୍ରୀଷ୍ଟ ପୂର୍ବ ୭୦୦ ମସିହାରେ ପ୍ରତିଷ୍ଠା କରାଯାଇଥିଲା ।

# ଭିଜା ଅଖରୋଟର ଲାଭ

**ଡ୍ରା**ଏଫ୍ରୁଟ୍ସ ନିୟମିତ ଭାବେ ଅଳ୍ପ ପରିମାଣରେ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଆଜିକାଲି ସପିଙ୍ଗ୍ ମଲର ଫୁଡ୍ ଜୋନ, ବିଭିନ୍ନ ଫୁଡ୍ ଷ୍ଟୋର ଓ ଅନ ଲାଇନରେ ମଧ ଏସବୁ ଉପଲବ୍ଧ ହେଉଛି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଅଖରୋଟ (ଏକ ପ୍ରକାର ଡ୍ରାଏଫ୍ରୁଟସ୍) ପ୍ରତ୍ୟହ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।



କ୍ୟାଲସିୟମ, ମ୍ୟାଗ୍ନେସିୟମ, ଲୌହ ଭରପୁର ଅଖରୋଟ୍‌କୁ ରାତିରୁ ପାଣିରେ ଭିଜାଇ ରଖି ସକାଳୁ ଖାଆନ୍ତୁ । ଭିଜା ଅଖରୋଟ ଖାଇଲେ ଶରୀରର ମେଟାବୋଲିଜିମ୍ ବଢ଼ିବା ସହ ପେଟରେ ଅତିରିକ୍ତ ଚର୍ବି ହ୍ରାସ ପାଇଥାଏ । ନିୟମିତ ୧ ମାସ ପର୍ଯ୍ୟନ୍ତ ଏପରି ଖାଇଲେ ଓଜନ କମ୍ ହେଉଥିବାର ବିଭିନ୍ନ ଅନୁସନ୍ଧାନରୁ ପ୍ରକାଶ ।

ନିଦ୍ରାହୀନତା ସମସ୍ୟା ଥିଲେ, ଦୈନିକ ସକାଳ ଜଳଖିଆରେ ଭିଜା ଅଖରୋଟ ଖାଇବାର ଅଭ୍ୟାସ କରନ୍ତୁ । ଏଥିରେ ଥିବା ମେଲାଟୋନିନ୍ ନାମକ ତତ୍ତ୍ୱ ଭଳି ନିଦ ପାଇଁ ଖୁବ୍ ସହାୟକ ।

ଚିଡଚିଡାପଣ କିମ୍ବା ବିରକ୍ତ ଲାଗୁଥିଲେ ଭିଜା ଅଖରୋଟ ୨-୩ ମାସ ଖାଇଲେ ଏହାର ପ୍ରଭାବ ଜାଣି ପାରିବେ । ଡ୍ରାଏଫ୍ରୁଟସରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ପ୍ରଭାବରେ ଆମ ମାନସିକ ସ୍ଥିତିରେ ମଧ ପରିବର୍ତ୍ତନ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ ।

୪୦ ବର୍ଷ ପରେ ଉଭୟ ମହିଳା ଓ ପୁରୁଷ ସପ୍ତାହକୁ ଅନ୍ତତଃ ୫-୬ ଦିନ ଅଖରୋଟ ଖାଇବା ଉଚିତ । କାରଣ ଏହା ସେମାନଙ୍କ ଶରୀରର ହାଡ଼ ଓ ଦାନ୍ତକୁ ଶକ୍ତି ଯୋଗାଇଥାଏ ।

## ଅବସାଦର ମହୌଷଧ କାଜୁ

**ବ**ର୍ତ୍ତମାନର ଜଞ୍ଜାଳପୂର୍ଣ୍ଣ ଜୀବନରେ ଅବସାଦ ମଣିଷ ପାଇଁ ମୁଖ୍ୟ ସମସ୍ୟା । ବିପଦପୂର୍ଣ୍ଣ ଏହି ସମସ୍ୟା ମଣିଷକୁ ମୃତ୍ୟୁ ମୁଖକୁ ମଧ ଟାଣି ନେଇଥାଏ । ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ 'କାଜୁ' ସେବନ ଉତ୍ତମ ଉପାୟ । ଆଧୁନିକ ଜୀବନରେ ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ଡିପ୍ରେସନ ବା ଅବସାଦ ସମସ୍ୟା ବଢ଼ିବାରେ ଲାଗିଛି । ଯଦି ଆପଣ ବି ଏହି ସମସ୍ୟାରେ ପୀଡ଼ିତ ତେବେ କାଜୁ ସେବନ କରି ଏହାକୁ ସହଜରେ ଦୂର କରିପାରିବେ । କାଜୁ ଅବସାଦ ଉପଚାରରେ ବେଶ୍ ଫାଇଦା ଦେଇଥାଏ ।



ଅବସାଦ ମାନସିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ବିଶେଷ ଭାବେ ପଡିଥାଏ । ଯଦ୍ୱାରା ବ୍ୟକ୍ତି ମନକୁ ଅଜବ ପ୍ରକାରର ଭାବନା ଆସିଥାଏ । ତେବେ ଏସବୁକୁ ନେଇ ଲୋକେ ଭୟଭୀତ ହୋଇପଡନ୍ତି । ଫଳରେ ଏହା ମଧୁମେହ, ହୃଦରୋଗ, ଅନିଦ୍ରା ତଥା ମସ୍ତିଷ୍କ ଜନିତ ସମସ୍ୟା ସୃଷ୍ଟି କରିଥାଏ । ଏଥିରୁ ରକ୍ଷା ପାଇବାକୁ କାଜୁ ସେବନ ନିତାନ୍ତ ଜରୁରୀ । ଏହା ପ୍ରାକୃତିକ ରୂପରେ ଅବସାଦ ଉପଚାର କରିଥାଏ । କାଜୁରେ ଥିବା ମ୍ୟାଗ୍ନେସିୟମ ଶରୀରରେ ସେରୋଟୋନିନକୁ ଆନନ୍ଦ ପ୍ରଦାନକାରୀ ରସାୟନ ବୋଲି କୁହାଯାଏ । ଏହା ବ୍ୟତୀତ କାଜୁରେ ଥିବା କପର ଶରୀରରେ ଏନଜାଇମର ଗତିବିଧି, ହର୍ମୋନର ଉତ୍ପାଦନ, ମସ୍ତିଷ୍କର କାର୍ଯ୍ୟ ଆଦିକୁ ସମ୍ଭାଳିବାରେ ସାହାଯ୍ୟ କରେ । କାଜୁରେ ଏକ ପ୍ରକାର ତେଲ ରହିଛି, ଯାହା ଭିଟାମିନ୍ ବି'ର ଉତ୍ତମ ସ୍ରୋତ । ଏହି କାରଣରୁ ଏହାକୁ ତତ୍କାଳ ଶକ୍ତିଦାୟକ ଖାଦ୍ୟ ପଦାର୍ଥ ବୋଲି କୁହାଯାଏ । ଖାଲି ପେଟରେ ମହୁ ସହ କାଜୁ ସେବନ ଦ୍ୱାରା ସ୍ମରଣ ଶକ୍ତି ମଧ ବୃଦ୍ଧି ପାଇଥାଏ ।

# କହିପାରିବେ କି ?

(୧) ମାଉଣ୍ଟ କାଲିମଞ୍ଜାରୋ କେଉଁ ଦେଶରେ ଅବସ୍ଥିତ ?
(୨) ଜାପାନରେ ଥିବା ମୁଖ୍ୟ ଦ୍ୱୀପର ନାମ ?
(୩) କେଉଁ ଦେଶର ପୂର୍ବତନ ନାମ ଶିଳଂ ?
(୪) ଆକାର ଦୃଷ୍ଟିରୁ ଆଫ୍ରିକାର ସବୁଠାରୁ ବଡ଼ ହ୍ରଦର ନାମ ?
(୫) ପାକିସ୍ଥାନର ଦୀର୍ଘତମ ନଦୀର ନାମ କ'ଣ ?
(୬) ଭାଟିକାନ ସିଟି କେଉଁଠିକାର ଏକ ସ୍ୱତନ୍ତ୍ର ରାଷ୍ଟ୍ର ?
(୭) ଭାଟିକାନ ସିଟିର ଶାସନ ବ୍ୟବସ୍ଥା ଭାଗ୍ୟଡୋର କାହା ହାତରେ ଥାଏ ?
(୮) ରାମାୟଣର ମୂଳ ରଚୟିତା କିଏ ?
(୯) ମହାଭାରତ କିଏ ଲେଖିଥିଲେ ?
(୧୦) କୌରବ ବାହିନୀର ଶେଷ ଯୋଦ୍ଧା କିଏ ଥିଲେ ?

## JUMBLE WORDS

| | | | |
|---|---|---|---|
| 1) WORC | = | 6) NEH | = |
| 2) OVED | = | 7) PAOTRR | = |
| 3) PAORRWS | = | 8) VENRA | = |
| 4) LOW | = | 9) RKOTS | = |
| 5) GLEEA | = | 10) SWNA | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଡିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ନାଇଟ୍, ୨.୧୯୩୫,୩.ଇଂରାଜୀ, ୪.୨୪, ୫.୧୯୭୮, ୬.ହୋମି ଜାହାଙ୍ଗୀର ଭାବା, ୭.୨୦୦୯-୧୦, ୮.ଓଲଟପୁର, ୯.ରୁଷିଆ, ୧୦.ପାକିସ୍ଥାନର ।

***Jumble Words*** **ର ଉତ୍ତର :-**

(1) HYBRID (2) CASHEW (3) HUTCH (4) DODGE (5) BORROW (6) SQUARE(7) STENCH (8) CRAWL (9) WOOZY (10) INTENT

## ପ୍ରସ୍ତାବିତ ପାଉଁଶ ପୋଖରୀକୁ ବିରୋଧ

ସମ୍ବଲପୁର : ଏନଏଲସି ଇଣ୍ଡିଆ କମ୍ପାନୀ କୋଇଲା ଖଣିର ପାଉଁଶ ପୋଖରୀ ସ୍ଥାପନ ପାଇଁ ଇଡକୋ ଜରିଆରେ ପ୍ରୟାସ କରୁଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି । ପାଉଁଶ ପୋଖରୀ ବନ୍ଦ କରିବାକୁ ଗ୍ରାମବାସୀ ରାଷ୍ଟ୍ରପତିଙ୍କ ନିକଟକୁ ଦାବିପତ୍ର ପଠାଇଛନ୍ତି । ଏଦିଗରେ ହସ୍ତକ୍ଷେପ କରି ପ୍ରଦୂଷଣରୁ ରକ୍ଷା କରନ୍ତୁ ବୋଲି ଗ୍ରାମବାସୀ ନିବେଦନ କରିଛନ୍ତି । ଦାବିପତ୍ରରେ ଠେଲକୋଲୋଇ ସରପଞ୍ଚଙ୍କ ସମେତ ଗ୍ରାମବାସୀ ସ୍ୱାକ୍ଷର କରିଛନ୍ତି ।

ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ ଠେଲକୋଲୋଇ ଗ୍ରାମକୁ ଆସି ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ । ଫଳରେ ସର୍ଭେ ସଂସ୍ଥାର କର୍ମଚାରୀ କାମ କରି ନ ପାରି ଫେରି ଯାଇଥିଲେ । ଏହା ପୂର୍ବରୁ ପାଉଁଶ ପୋଖରୀ ପାଇଁ ଠେଲକୋଲୋଇରେ ଅନୁଷ୍ଠିତ ହୋଇଥିବା ଜନ ଶୁଣାଣିରେ ମଧ ଗ୍ରାମବସୀ ପାଉଁଶ ପୋଖରୀ ସ୍ଥାପନକୁ ବିରୋଧ କରିଥିଲେ । ଠେଲକୋଲୋଇ ଗ୍ରାମର ଜମିରେ ପୂର୍ବରୁ ଜେଏସଡବ୍ଲୁ- ଭୂଷଣ କାରଖାନା ସ୍ଥାପିତ ହୋଇ ଏହି କାରଖାନାର ପାଉଁଶ ପୋଖରୀ ହୋଇଛି । ଗ୍ରାମର ଚାରିପଟେ କଳକାରଖାନା ଓ ଖଣିଖାଦାନ ପ୍ରଦୂଷଣ ଥିବାରୁ ଭୟାବହ ପ୍ରଦୂଷଣ ସମସ୍ୟା ସହିତ ଅହେତୁକ ଭାବେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଏନଏଲସି କମ୍ପାନୀର ପାଉଁଶ ପୋଖରୀ ସ୍ଥାପନ କରାଗଲେ ପ୍ରଦୂଷଣ ସମସ୍ୟା ଆହୁରି ଉତ୍କଟ ରୂପ ଧାରଣ କରିବ । ପୂର୍ବରୁ ଏହି ଗ୍ରାମରେ ଭୂଷଣ ଷ୍ଟିଲ କାରଖାନା ପାଇଁ ଜମି ଅଧିଗ୍ରହଣ କରାଯାଇ ୧୬୫ଟି ପରିବାର ବିସ୍ଥାପିତ ହୋଇଥିବା ବେଳେ ୩୦୧ଟି ପରିବାରଙ୍କ ୮୭୫ ଏକର ୭୪ ଡିସମିଲ ଜମି ଶିଳ୍ପାୟନରେ ବିଲୀନ ହୋଇଯାଇଛି । ଏହାବ୍ୟତୀତ ହୀରାକୁଦ ନଦୀବନ୍ଧ ଯୋଜନାର ପଛୁଆ ପାଣି ଯୋଗୁଁ ଏହି ଗ୍ରାମର ଶହଶହ ଏକର ଜମି ବାଲିଚର ହୋଇଛି । ଏହି ପରିପ୍ରେକ୍ଷୀରେ ଠେଲକୋଲୋଇ ଏନଏଲସି କମ୍ପାନୀ କୋଇଲା ଖଣିର ପାଉଁଶ ପୋଖରୀ ସ୍ଥାପନ କରି ଗ୍ରାମବାସୀଙ୍କୁ ଭୟାବହ ପ୍ରଦୂଷଣ ଭିତରକୁ ଠେଲି ଦେବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରରୁ ରକ୍ଷା କରି ଏହାକୁ ବନ୍ଦ କରିବା ପାଇଁ ଆଦେଶ ଦେବାକୁ ରାଷ୍ଟ୍ରପତିଙ୍କୁ ନିବେଦନ ଜଣାଇଛନ୍ତି ।

## ଏଲ୍.ଆର୍ ଲ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ସମ୍ବଲପୁର : ୧୯୬୫ ମସିହାରେ ସ୍ଥାପିତ ସମ୍ବଲପୁରର ଲଜ୍‌ପତ ରାୟ ଆଇନ୍ ମହାବିଦ୍ୟାଳୟ ଓଡ଼ିଶାର ଦ୍ୱିତୀୟ ସର୍ବପୁରାତନ ଆଇନ୍ କଲେଜ୍ । କଟକର ମଧୁସୂଦନ ଆଇନ୍ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟଭାବେ ଉନ୍ନୀତ ହେବା ପରେ ବର୍ତ୍ତମାନ ଏଲ୍.ଆର୍. ଲ କଲେଜ ହିଁ ଓଡ଼ିଶାର ସର୍ବବୃହତ୍ ଆଇନ୍ ମହାବିଦ୍ୟାଳୟ । ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇ ପଶ୍ଚିମ ଓଡ଼ିଶାର ଆଇନ୍ ମହାବିଦ୍ୟାଳୟ ଗୁଡ଼ିକୁ ଏହା ଅଧୀନରେ ରଖିବାକୁ ବହୁ ଦିନରୁ ଦାବି ହୋଇ ଆସୁଛି । ଦୁଇ ବର୍ଷ ତଳେ ଏମ୍‌ଏସ୍ ଆଇନ୍ ମହାବିଦ୍ୟାଳୟକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରିବା ପରଠାରୁ ଏଲ୍‌ଆର୍ ଆଇନ୍ ମହାବିଦ୍ୟାଳୟକୁ ବି ଏହି ମାନ୍ୟତା ଦେବା ପାଇଁ ଦାବି ତୀବ୍ର ହୋଇଥିଲା । ଏହି ଅନୁଷ୍ଠାନକୁ ନେଇ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଆଇନ୍‌ଜୀବୀ ଓ ସ୍ଥାନୀୟ ଲୋକେ ଅନେକ ସ୍ୱପ୍ନ ଦେଖୁଥିଲେ । କିନ୍ତୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କନ୍‌ଷ୍ଟିଚୁଏଣ୍ଟ କଲେଜ୍ ଥିବା ଏହି ମହାବିଦ୍ୟାଳୟ ଗତ ୨ ବର୍ଷ ମଧରେ ଅନେକ ଅବାଞ୍ଛିତ ବିବାଦରେ ଛନ୍ଦି ହୋଇ ଯାଇଥିଲା । ପ୍ରଫେସର୍ ସଂଜୀବ ମିତ୍ତଲ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ହେବା ପରେ ବିଶ୍ୱବିଦ୍ୟାଳୟ ସହ ଏହି ମହାବିଦ୍ୟାଳୟରେ ବି ବିଭିନ୍ନ ପ୍ରକାର ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ମିତ୍ତଲଙ୍କ ବିଦାୟ ପରେ ପରିସ୍ଥିତି ସୁଧୁରୁଛି । ପୁଣିଥରେ ଏହି ମହାବିଦ୍ୟାଳୟକୁ ନେଇ ନୂଆ ଆଶା ସଂଚାର ହୋଇଛି । ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘର ପ୍ରତିନିଧିମାନେ ଉଚ୍ଚଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କୁ ଭେଟି ପୁଣିଥରେ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି କରିଛନ୍ତି ।

ସମ୍ବଲପୁରର ଏଲ୍‌ଆର୍ ଆଇନ୍ ମହାବିଦ୍ୟାଳୟରେ ବର୍ତ୍ତମାନ ଏଲ୍‌ଏଲ୍‌ବି, ବିବିଏଲ୍ ଏଲ୍‌ବି, ଏଲ୍‌ଏଲ୍‌ଏମ୍,



ପିଜିଡିଆଇଆର୍‌ପିଏମ୍ ଆଦି ୪ଟି ପାଠ୍ୟକ୍ରମରେ ପ୍ରାୟ ୭୦୦ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି । ଅଧକ୍ଷଙ୍କୁ ମିଶାଇ ମାତ୍ର ୩ ଜଣ ସ୍ଥାୟୀ ଅଧାପକ ରହିଛନ୍ତି । ବିଭିନ୍ନ ସମୟରେ କ୍ଲାସ୍ ନେବା ପାଇଁ କିଛି କିଛି ଅତିଥି ଅଧାପକ ଆସନ୍ତି । ଏହି କଲେଜ୍‌ର କର୍ମଚାରୀ ସଂଖ୍ୟା ବି ଯଥେଷ୍ଟ କମ୍ ଅଛି ଓ ଅନେକ ପଦ ଖାଲି ପଡ଼ିଛି । ଯେଉଁ କର୍ମଚାରୀମାନେ ଅଛନ୍ତି ସେମାନଙ୍କ ମଧରୁ ଅନେକ ବହୁ ବର୍ଷ ହେଲା ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି ।

ଭିତିଭୂମି ଦୃଷ୍ଟିରୁ କିନ୍ତୁ ଏହି ଅନୁଷ୍ଠାନ ବେଶ ଭଲ ସ୍ଥିତିରେ ରହିଛି । ସମ୍ବଲପୁର ସହରର ହୃଦୟସ୍ଥଳରେ ଏହାର ୫.୫ ଏକର ନିଜସ୍ୱ ଜମି ଅଛି । ଏହାକୁ ଲାଗି ଆହୁରି ପ୍ରାୟ ୧୦ ଏକର ସରକାରୀ ଜମି ରହିଛି ଯେଉଁଥିରୁ ୬-୭ ଏକର ଖାଲି ପଡ଼ିଛି । ମହାବିଦ୍ୟାଳୟର ନିଜସ୍ୱ ଦୁଇଟି କୋଠା ଅଛି । ସେହିପରି ଡବ୍ଲ୍ୟୁଓଡିସି ଅନୁଦାନରେ ୪ କୋଟି ଟଙ୍କା ବ୍ୟୟରେ ୧୨୦ ଛାତ୍ରୀଙ୍କ ରହିବା ପାଇଁ ଏକ ଆଧୁନିକ ଛାତ୍ରାବାସ ନିର୍ମିତ ହୋଇଛି ଯାହା ଅବ୍ୟବହୃତ ହୋଇ ପଡ଼ିଛି । ପେନ୍‌ସନପଡ଼ା ମୁଖ୍ୟ ରାସ୍ତାରେ କଲେଜ୍‌ର ପ୍ରବେଶପଥ ଓ ଫାଟକ ନିର୍ମାଣ ପାଇଁ ପେନସନପଡ଼ା ବିଜୁ କଲ୍ୟାଣ ମଣ୍ଡପ ସହ ତତ୍କାଳୀନ ଜିଲ୍ଲାପାଳ ସମର୍ଥ ବର୍ମା ଓ ପୁରାତନ ଛାତ୍ର ସଂଘ ପ୍ରୟାସରେ ୫ ଡିସିମିଲ୍ ଜମି ଅଦଳବଦଳ କରା ଯାଇଥିଲା । କଲ୍ୟାଣ ମଣ୍ଡପକୁ କଲେଜ୍‌ର ୫ ଡିସିମିଲ୍ ଜମି ଦିଆଯାଇ ମୁଖ୍ୟ ରାସ୍ତା ନିର୍ମାଣ ପାଇଁ କଲ୍ୟାଣ ମଣ୍ଡପର ୫ ଡିସିମିଲ୍ ଜମି ସଂରକ୍ଷିତ ରଖା ଯାଇଥିଲା । କିନ୍ତୁ ଏହି ଯୋଜନା ପରବର୍ତ୍ତୀ ସମୟରେ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ କାର୍ଯ୍ୟକାରୀ ହୋଇପାରି ନାହିଁ । ଉତ୍ତମ ଭିତ୍ତିଭୂମି ଥିଲେ ବି ଏହାର ଅଧାପକ ଓ କର୍ମଚାରୀ ନିଯୁକ୍ତି ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୌଣସି ଉଦ୍ୟମ କରି ନ ଥିବାରୁ ଏହା ବିଶ୍ୱବିଦ୍ୟାଳୟ ଦୌଡ଼ରେ ପଛରେ ପଡ଼ି ଯାଇଛି ।

## କାରଖାନା ଫଳକ ବଦଳିଛି ବଦଳିନି ସମସ୍ୟା

ସମ୍ବଲପୁର : ବୁର୍ଲା ଥାନା ଅନ୍ତର୍ଗତ ଆମସଡ଼ା କଣ୍ଟାପାଲି ପୋତାପାଲି ନିକଟରେ ରାଜରାସ୍ତାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ବି.ଆର ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ରେ ସ୍ଥାନୀୟ ନିଯୁକ୍ତିର ସ୍ଥିତି ଅତି ଦୟନୀୟ । ଏକଦା ରାଠୀ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ ଥିବା ଏହି କାରଖାନାକୁ ବି.ଆର ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ଼ ଅଧିଗ୍ରହଣ କରିବା ପରେ ସ୍ଥିତି ସୁଧୁରିବ ବୋଲି ଶ୍ରମିକମାନେ ଯେଉଁ ଆଶା କରୁଥିଲେ ତାହା ନିରାଶାରେ ପରିଣତ ହୋଇଛି ।

ଅଧିଗ୍ରହଣ ପରେ ପୁରୁଣା କର୍ମଚାରୀଙ୍କୁ ଉପେକ୍ଷା କରାଯାଇଛି । ଉଦ୍ୟୋଗରେ ରାଜ୍ୟ ବାହାରୁ ପ୍ରାୟ ୯୫ ପ୍ରତିଶତ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଉଦ୍ୟୋଗର ଶ୍ରମିକ ସଂଖ୍ୟା ୫୦୦ରୁ ଅଧିକ ରହିଥିବା ବେଳେ ମାତ୍ର ୨୫ରୁ ୩୦ ଜଣ ଆଖପାଖ ଅଞ୍ଚଳ ପଶ୍ଚିମ ଓଡ଼ିଶାର ଯୁବକଙ୍କୁ ହିଁ ନିୟୋଜିତ କରିଥିବା ଜଣାଯାଇଛି । ଅପରପକ୍ଷରେ ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନଙ୍କୁ ଭୟଭୀତ କରି ଚୁପ୍ କରି ଦିଆଯାଉଛି । ସୂଚନା ଥାଉକି, ୨୦୦୭ ମସିହାରୁ ରାଠୀ ଉଦ୍ୟୋଗ ଆରମ୍ଭ ହୋଇଥିବା ବେଳେ ଗତ ୨୦୧୨ ମସିହାରେ ଶ୍ରମିକ ମାନଙ୍କ ବର୍ଷାଧିକ କାଳର ପ୍ରାପ୍ୟ ନ ଦେଇ ଗତ ୨୦୧୩ ମସିହାରେ ଉଦ୍ୟୋଗ ବନ୍ଦ କରି ଫେରାର ମାରିଥିଲା । ସେହି ସମୟରେ ଏଠାରେ ନିୟୋଜିତ ପ୍ରାୟ ୪୦୦ ଶ୍ରମିକ ନିଜ ରୋଜଗାର ହରାଇଥିଲେ । ହଠାତ ରାତାରାତି ତାଲାମାରି କମ୍ପାନି ଚାଲିଯାଇଥିଲା । ଫଳରେ ଶ୍ରମିକମାନଙ୍କର ବର୍ଷାଧିକ ସମୟର ବକେୟା ପ୍ରାପ୍ୟ ଏବଂ ଭତ୍ତାରୁ ବଞ୍ଚିତ ହୋଇଥିଲେ । ଗତ ୨୦୨୦ ମସିହା ବି.ଆର.ଷ୍ଟିଲ ଏହାକୁ ଅଧିଗ୍ରହଣ କରିବା ପରେ ପୁନଃ କ୍ଷମ ହୋଇଛି । ସେହି ସମୟରେ ଉକ୍ତ ପୁରାତନ ୧୫୭ ଜଣ ପୁରୁଣା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ୨୦୨୧ ମସିହାରେ ଦାବି ଉପସ୍ଥାପିତ ହୋଇଥିଲା । ମାତ୍ର ତା ସତ୍ତ୍ୱେ କମ୍ପାନୀ କିଛି ବାହୁବଳୀ ଶ୍ରେଣୀର ଲୋକଙ୍କୁ ହାତକରି ଜିଲା ପ୍ରଶାସନର ପରୋକ୍ଷ ସହାୟତାରେ ପଶ୍ଚିମ ଓଡ଼ିଶାର ଶ୍ରମିକମାନଙ୍କୁ ନିଯୁକ୍ତି ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲା । ବାହାର ରାଜ୍ୟର ୯୫ ପ୍ରତିଶତ ନିଯୁକ୍ତି ପରେ ଏଠାରେ ଶ୍ରମିକ ଅଶାନ୍ତି ବଢ଼ିଛି । ଏହି କାରଖାନାରେ ବହୁ ସମୟରେ ଘଟୁଥିବା ଦୁର୍ଘଟଣା ଏବଂ ଏହା ପରବର୍ତ୍ତୀ ସ୍ଥିତିକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ । କାରଖାନା କର୍ତ୍ତୃପକ୍ଷ ଏଭଳି ଟାଳଟୁଳ ନୀତି ଅବଲମ୍ବନ କରୁଥିବା କୁହାଯାଉଛି । ପୂର୍ବରୁ ଏପରି ଘଟଣାରେ ବିନା ବ୍ୟବଚ୍ଛେଦରେ ମଧ ଶବକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଦିଆଯିବା ପରି ଘଟଣାର ଉଦାହରଣ ରହିଛି । ସ୍ଥାନୀୟ ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି ସ୍ଥାନୀୟ ନିଯୁକ୍ତି ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ଦାବି ହୋଇଛି ।

## ଶକ୍ତିପୀଠରେ ଗାୟତ୍ରୀ ଜୟନ୍ତୀ

ସମ୍ବଲପୁର : କମଲୀବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଗାୟତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ନଳିନୀ ପୂଝାରୀ ଓ ସନ୍ଧ୍ୟାରାଣୀ ଦୀକ୍ଷିତ ଏହାର ପରିଚାଳନା କରିଥିଲେ । ଏଥିସହ ଆଗାମୀ ଡ଼ିସେମ୍ବର ମାସରେ ହେବାକୁ ଥିବା ୧୦୮ କୁଣ୍ଡୀୟ ନବଚେତନା ଜାଗରଣ ଗାୟତ୍ରୀ ମହାଯଜ୍ଞ ରେମେଡ଼ ଗ୍ରାମରେ କରାଯିବ ବୋଲି ଯଜ୍ଞ ସମିତିର ସଭାପତି ଦୀନଦୟାଳ ଅଗ୍ରୱାଲ ସୂଚନା ଦେଇଥିଲେ । ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲା ସହ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଉର୍ଜା ପାଇଁ ଘରେ ଘରେ ଗାୟତ୍ରୀ ମହାମନ୍ତ୍ର ଜପ ଓ ଲିଖନ ସହ ଦୀପଯଜ୍ଞ-କୁଣ୍ଡଯଜ୍ଞ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଛି । ନଳିନୀ କାନ୍ତ ନାଥ, ସତ୍ୟନାରାୟଣ ପଟେଲ, ବାନାମ୍ବର ସର, ବଦନ ମାଝୀ, ସମରେନ୍ଦ୍ର କୁଣ୍ଡୁ, ହୃଷିକେଶ ପତି, ଦୀପକ ଶର୍ମା, ପ୍ରେମକାନ୍ତ ଝା, ଦୁର୍ଗା ପାଢ଼ୀ, ଭୂମିସୂତା ପ୍ରଧାନ, ଦିପ୍ତିମୟି ପାଢ଼ୀ, ହେମଲତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

## ଶ୍ୟାମ ମେଟାଲିକ୍ସ ପାଇଁ ବିଷ ବଳୟରେ ଅଞ୍ଚଳ

ସମ୍ବଲପୁର : ରେଙ୍ଗାଲି ବ୍ଲକ ନିଶାନଭଙ୍ଗାଠାରେ ଥିବା ଶ୍ୟାମ ମେଟାଲିକ୍ସ ପାଇଁ ଅଞ୍ଚଳ ବିଷ ବଳୟକୁ ଠେଲି ହୋଇ ଯାଉଛି । ଖାସ୍ କରି ବିଷାକ୍ତ ଧୂଆଁ ଓ ପ୍ରଦୂଷିତ ଧୂଳି କଣିକାରେ ଅତିଷ୍ଠ ହୋଇ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହେଲେଣି । ଶ୍ୟାମ ମେଟାଲିକ୍ସ ରାତି ସମୟରେ ବିଷାକ୍ତ ଖୋଲା ଆକାଶରୁ ଛାଡୁଥିବା ଅଭିଯୋଗ ଆସିଛି । ଯାହାକୁ ପ୍ରଦୂଷଣ ବିଭାଗ ଅଧିକାରୀମାନେ ଆଖି ବୁଜି ସମର୍ଥନ ଦେଉଛନ୍ତି । ପ୍ୟୁରିଫାଏଡ କରି ଆକାଶକୁ ଧୂଆଁ ଛାଡିବାର ନିୟମ ଥିବାବେଳେ ରାତ୍ରି ସମୟରେ ଖର୍ଚ୍ଚ କାଟ ପାଇଁ ଏହି ସବୁ ଅଣ-ପ୍ୟୁରିଫାଏଡ ବିଷାକ୍ତ ଧୂଳିକଣା ଆକାଶକୁ ଛାଡି ଅଞ୍ଚଳବାସୀକୁ ମରଣ ମୁହଁକୁ ଠେଲି ଦେଉଛି । ନିଶାନଭଙ୍ଗା ଗାଁର ପୋଖରୀ ପାଣିରୁ ସବୁ କଥା ସାମ୍ନାକୁ ଆସିଛି । ନିଶାନଭଙ୍ଗା ଗାଁ ଲୋକେ ବ୍ୟବହାର କରୁଥିବା ପୋଖରୀ ପାଣିରେ ଗୋଟିଏ ପରସ୍ତ ଧୂଳିକଣା ଜମି ରହୁଛି । ଯାହାକୁ ବ୍ୟବହାରଯୋଗ୍ୟ ତ ଦୂରର କଥା କୌଣସି ଗାଈ ଗୋରୁ ବ୍ୟବହାର କଲେ ମରିବା ଥୟ । ତେବେ ପ୍ରଦୂଷଣ ବିଭାଗ ଜାଣିଶୁଣି ଶ୍ୟାମ ମେଟାଲିକ୍ସକୁ ଗେହ୍ଲାପୁଅ କରିଥିବା ଅଭିଯୋଗ ଆସିଛି । ପ୍ରଦୂଷଣ ନିୟମ ଉଲ୍ଲଂଘନ କରିଥିବାରୁ ୨୦୧୯ ମସିହାରେ ଶ୍ୟାମ ମେଟାଲିକ୍ସର ଦୁଇଟି ୟୁନିଟକୁ ଜିଲ୍ଲା ପ୍ରଶାସନ ସିଲ କରିଥିଲା । ତେବେ ପରେ ଜରିମାନା ଦେଇ ଉଭୟ ୟୁନିଟକୁ ଚଲାଇବାର ଅନୁମତି ପାଇଥିଲା ଶ୍ୟାମ ମେଟାଲିକ୍ସ । ହେଲେ ବର୍ତ୍ତମାନ ମଧ ପୁଣି ପୁରୁଣା ଅଭ୍ୟାସ ବଦଳାଇନି ଶ୍ୟାମ ମେଟାଲିକ୍ସ । ଫଳରେ ନିଶାନଭଙ୍ଗା ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ।

4 - 10 June 2023



# ସମ୍ବଲପୁର ମାତା ମଠରେ ଭାଗବତ ସପ୍ତାହ












ସମ୍ବଲପୁର : ସ୍ଥାନୀୟ ମହାନ୍ତିପଡା ସ୍ଥିତ ମାତା ମଠରେ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁବର୍ଣ୍ଣପୁର ଜିଲ୍ଲା କୋଟସମଲେଇ ପାତାଳି ଶ୍ରୀକ୍ଷେତ୍ରର ଶ୍ରୀରାମ ପଣ୍ଡା ବ୍ୟାସ ରୂପେ ଯୋଗ ଦେଇ ସଙ୍ଗୀତମୟ ଶ୍ରୀମଦ ଭାଗବତ ପରିବେଷଣ କରିଥିଲେ । ତାଙ୍କୁ ବାଦ୍ୟଯନ୍ତ୍ରରେ ପ୍ରତିଶ ପାଣ୍ଡିଆ, ବିନାୟକ ମିଶ୍ର ଓ ରୋହିତାଶ୍ୱ ଭୋଇ ସହଯୋଗ କରିଥିଲେ । ରାଜସ୍ଥାନର ରାଧାକୁଣ୍ଡ ଶ୍ୟାମକୁଣ୍ଡର ବାବା ଦୀନବନ୍ଧୁ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ କୁରେସା ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ସୁଶ୍ରୀ ପ୍ରମିଳା ବହିଦାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲଳିତା ଦାସୀ, ଜ୍ୟୋସ୍ନା ବହିଦାର, ମିତା ବହିଦାର, କମଳ ପଟ୍ଟନାୟକ, ଜ୍ୟୋସ୍ନା ପଣ୍ଡା, ସଂଘମିତ୍ରା ମହାନ୍ତି, ବାସନ୍ତୀ ମିଶ୍ର, ସନ୍ଧ୍ୟା ପଣ୍ଡା, ସୌଦାମିନୀ ଦାସ, ସ୍ନିଗ୍ଧାଶ୍ରୀ ବହିଦାର, ନେତ୍ରମଣୀ ମିଶ୍ର, ଗୋଦାବରୀ ଓ କିଶୋରୀ ଶର୍ମା ପ୍ରମୁଖ ସହଯୋଗ କରିଥିଲେ ।

## ଜୟା କିଶୋରୀ ସମ୍ବଲପୁର ଆସିବେ

ସମ୍ବଲପୁର : ଆସନ୍ତା ଡିସେମ୍ବର ୭ ରୁ ୧୩ ତାରିଖ ପର୍ଯ୍ୟନ୍ତ



ସମ୍ବଲପୁର ମାରୱାଡି ଯୁବାମଞ୍ଚ ଏବଂ ସମ୍ବଲପୁର ଶକ୍ତି ତରଫରୁ ଶ୍ରୀମଦ୍ ଭାଗବତ ସପ୍ତାହର ଆୟୋଜନ କରାଯାଇଛି । ଏଥିରେ ପ୍ରଖ୍ୟାତ ଆଧାତ୍ମିକ ପ୍ରବକ୍ତା ଜୟା କିଶୋରୀ ଜୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମନ୍ଦଲିଆ ଠାରେ ହେବାକୁ ଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପାଇଁ ଆୟୋଜକ ମାନଙ୍କ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି ।

## ଗାୟତ୍ରୀ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ ଉତ୍କର୍ଷ






ସମ୍ବଲପୁର : ଜମାଦାରପାଲିସ୍ଥିତ ଗାୟତ୍ରୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ବାର୍ଷିକ ଉତ୍ସବ ଉତ୍କର୍ଷ-୨୦୨୩ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ଶିବନାରାୟଣ ଶତପଥୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଅଶୋକ କୁମାର ଶତପଥୀ ମଞ୍ଚାସୀନ ରହି ଉଦ୍‌ବୋଧନ ଦେଇଥିଲେ । ପରିଚାଳନା କମିଟି ସଭ୍ୟ ଅତିଶ କୁମାର ଶତପଥୀ, ସୀମା ଦାସ, ଡକ୍ଟର ଶମ୍ଭୁପ୍ରସାଦ ମିଶ୍ର, ପ୍ରଭାକର ସାହୁ, ସୁଧାଂଶୁବାଳା ବିଶ୍ୱାଳ, ଡକ୍ଟର ସୋମଜିତ ପଣ୍ଡା, ରାମାଶୀଷ ତ୍ରିପାଠୀ ଏବଂ ମୋନା ମତଲବୀ, ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ମାନସ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସମ୍ବଲପୁରୀ ନାଟକ 'ଜୁହାର୍ ଗୁରୁ' ମଞ୍ଚସ୍ଥ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା ।

## ଆଦର୍ଶ ଶିକ୍ଷକ ଧରଣୀଧର ପ୍ରଧାନଙ୍କ ପରଲୋକ

ସମ୍ବଲପୁର: ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ଧରଣୀଧର ପ୍ରଧାନଙ୍କ କୁଲୁଥକାନି ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ଗତ ୨୦୧୨ରେ ତାଙ୍କ ପତ୍ନୀ ଉଷାରାଣୀଙ୍କ ପରଲୋକ ହୋଇଥିଲା । ଅନ୍ତିମ ଶଯ୍ୟା ନିକଟରେ ପୁଅ ବିରୁପାକ୍ଷ,କମଳାକ୍ଷ ଓ ଅରୁଣାକ୍ଷ, ବୋହୂ ସାଗରୀକା,



ପୁଷ୍ପାଞ୍ଜଳି ଓ ଭବାନୀ ତଥା ନାତିନାତୁଣୀ ଉପସ୍ଥିତ ଥିଲେ ।

ଅବିଭକ୍ତ ସମ୍ବଲପୁର ଏବଂ ବର୍ତ୍ତମାନର ଦେବଗଡ଼ ଜିଲ୍ଲାର ବୁଢାପାଳ ଗ୍ରାମରେ ଜନ୍ମିତ ସ୍ୱର୍ଗତ ପ୍ରଧାନ ନିଜ ଗାଁ ସ୍କୁଲ ଓ ପାହାଡ଼ଶ୍ରୀଗିଡା ସ୍କୁଲରେ ଶିକ୍ଷକତା କରିଥିଲେ । ପରେ ୧୯୭୫ ମସିହାରେ ଜିଲ୍ଲାସ୍କୁଲରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥିଲେ । ଜିଲ୍ଲାସ୍କୁଲରେ ସେ ଦୀର୍ଘ ୩୨ ବର୍ଷ ଚାକିରୀ ପରେ ୨୦୦୭ ମସିହାରେ ଅବସରଗ୍ରହଣ କରିଥିଲେ । ସ୍କୁଲରେ ଯୋଗଦାନର ଅଳ୍ପଦିନରେ ନିଷ୍ଠାପର ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ସୁନାମ ଅର୍ଜନ କରିଥିଲେ । ସ୍କୁଲର ସାଂସ୍କୃତିକ ଜୀବନକୁ ସେ ନୂଆରୂପ ଦେଇଥିଲେ । ସ୍କୁଲର ସ୍କାଉଟ ଶିକ୍ଷକ ଏବଂ ହଷ୍ଟେଲର ଉପ ଅଧିକ୍ଷକ ମଧ ଥିଲେ । ସମଲେଶ୍ୱରୀ ଗୀତିନାଟ୍ୟ ସହ ସେ ୪୧ ଟି ଗୀତିନାଟ୍ୟ ଏବଂ ୬ ଟି ନାଟକ ସମେତ ନିଜ ଗ୍ରାମର ଇତିହାସ ତଥା ବିଭିନ୍ନ ବିଷୟ ଉପରେ ୮୭ ଟି ପୁସ୍ତକ ରଚନା କରିଥିଲେ ।

ଚାକିରୀ କାଳରେ ଜିଲ୍ଲାସ୍କୁଲର ବାର୍ଷିକ ଉତ୍ସବରେ ପ୍ରତିବର୍ଷ ତାଙ୍କ ରଚନା ଓ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହେଉଥିଲା । ସ୍ୱର୍ଗତ ପ୍ରଧାନଙ୍କ ଅନେକ ଗୀତିନାଟ୍ୟ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରୁ ପ୍ରସାରିତ ହୋଇଥିଲା । ମାଧମିକ ଶିକ୍ଷା ବୋର୍ଡ ଓଡ଼ିଆ ସିଲାବସ କମିଟି ସଭ୍ୟ ତଥା ସମ୍ବଲପୁର ଶିକ୍ଷା ସର୍କଲ ସ୍କାଉଟ କମିଶନର ରହିଥିବା ସ୍ୱର୍ଗତ ପ୍ରଧାନ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ଲାଭ କରିଥିଲେ । ଏହା ସହ ସେ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଥିଲେ । ଅବସର ପରେ ସ୍ୱର୍ଗତ ପ୍ରଧାନ ସାଧାରଣ ଜୀବନରେ ବେଶ ସକ୍ରିୟ ଥିଲେ ।

## ଆରଆଇଟିଆଇ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ

ସମ୍ବଲପୁର : ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ତାଲିମ ପାଇଁ ଉଦ୍ଦିଷ୍ଟ ଆରଆଇଟିଆଇ ଲରପଙ୍କରେ ୪୦ତମ ଆର.ଆଇ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଯୋଗ ଦେଇ ସେଲଫି ପଏଣ୍ଟ ଓ ଏକ ଜଳ ଫୁଆରା ଉଦ୍‌ଘାଟନ କରିଥିଲେ ।



# ଆକାଶବାଣୀ ପକ୍ଷରୁ ଏସ୍.ଏନ୍. ପଟ୍ଟନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା








ସମ୍ବଲପୁର : ସମ୍ବଲପୁରୀ ଆଞ୍ଚଳିକ ସମ୍ବାଦ ବିଭାଗ, ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ଉପ ନିର୍ଦ୍ଦେଶକ (ସମାଚାର) ଡକ୍ଟର ସତ୍ୟନାରାୟଣ ପଟ୍ଟନାୟକଙ୍କର କଟକ ସମ୍ବାଦ ବିଭାଗକୁ ବଦଳି ହୋଇଥିବାରୁ ଆକାଶବାଣୀ ରିକ୍ରିଏସନ କ୍ଲବ ତରଫରୁ ଏକ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ଉପ ନିର୍ଦ୍ଦେଶକ (ଅଭିଯାନ୍ତ୍ରିକୀ) ରମେଶ ଚନ୍ଦ୍ର ଭୋଇ, କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀ, କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍ଗଙ୍କ ସମେତ କେନ୍ଦ୍ରର ଅନେକ ଅଧିକାରୀ ଏବଂ କର୍ମଚାରୀଗଣ ଉପସ୍ଥିତ ଥିଲେ । ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ ଶ୍ରୀ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ଦେଇଥିଲେ । ଏହା ସହିତ କେନ୍ଦ୍ରର ଜଗନ୍ନାଥ କୁଅଁର, କାସିଫ ଜମିଲ, ସତ୍ୟରଞ୍ଜନ ପଣ୍ଡା ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଶେଷରେ ଶ୍ରୀ ସନ୍ତୋଷ ପିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଆଞ୍ଚଳିକ ସମ୍ବାଦ ବିଭାଗରେ ବସନ୍ତ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସାମ୍ବାଦିକ ଶିବ ନନ୍ଦ, ଏମ.ଆର.କେ. ରାଓ, ତେଜଶ୍ରୀ ମିଶ୍ର, ଆଶୁତୋଷ ପାଣିଗ୍ରାହୀ, ତର୍ପଣ କୁମାର ପ୍ରଧାନ, ଆକାଶ ମହାପାତ୍ର ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟଦକ୍ଷତା ଏବଂ ନିଷ୍ଠାପରତା ସମ୍ପର୍କରେ ଆଲୋକପାତ କରିଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra